# ଭକ୍ତଙ୍କ ସେବାରେ ଲାଗୁନି ୩୫ ଇ-ବସ୍

ପୁରୀ,୪।୮ (ଅଜିତ୍ କୁମାର ମହାନ୍ତି)



## ମାଗଣା ଯାତାୟାତ ପାଇଁ କିଣାଯାଇଥିଲା

■ପୁରୀ ରେଲଷ୍ଟେଶନ, ବସ୍‌ଷ୍ଟାଣ୍ଡ, ମାଳତିପାଟପୁରରୁ ଶ୍ରୀମନ୍ଦିର ଯାଏ ଗଡ଼ିଥାଆନ୍ତା

■ସମଙ୍ଗରେ ପଡ଼ିରହିଛି, ପ୍ରଶାସନର ଆନ୍ତରିକତା ଅଭାବକୁ ଦୋଷ ଦେଲେ ଲୋକେ



କଥାରେ ଅଛି 'ସରକାର କା ମାଲ୍ ଦରିଆ ମେ ଡାଲ୍'। ତାହାର ଏକ ଉଦାହରଣ ପୁରୀରେ ଦେଖିବାକୁ ମିଳିଛି। ଭାରତର ଚାରିଧାମ ମଧ୍ୟରୁ ପୁରୀ ଅନ୍ୟତମ ହୋଇଥିବାରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଏଠାକୁ ପ୍ରତିଦିନ ଦେଶ ବିଦେଶରୁ ଭକ୍ତମାନେ ଆସିଥାନ୍ତି। ଭକ୍ତଙ୍କ ଦର୍ଶନ ସୁବିଧା ନିମନ୍ତେ ସରକାର ଅନେକ ସମୟରେ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ପ୍ରଶାସନର ଆନ୍ତରିକତା ଅଭାବରୁ କେତେକ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଯେପରିକି, ଭକ୍ତଙ୍କ ଯାତାୟାତ ଲାଗି ୭ ମାସ ତଳେ ଇ-ବସ୍ (ବ୍ୟାଟେରିଚାଳିତ ବସ୍) ସୁବିଧା କରାଯାଇଥିବାବେଳେ ସେହି ସେବା ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ। ଫଳରେ ୩୫ଟି ଇ-ବସ୍ ଏବେ ଖତ ଖାଇ ନଷ୍ଟ ହେବାକୁ ବସିଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ମାଗଣାରେ ଯାତାୟାତ ସୁବିଧା ଯୋଗାଇଦେବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ ଇ-ବସ୍ ସେବା ଆରମ୍ଭ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତିରୁପତି ପରି ପୁରୀରେ ମଧ୍ୟ ଭକ୍ତଙ୍କୁ ମାଗଣା ପରିବହନ ସେବା ଯୋଗାଇଦେବା ସରକାରଙ୍କ ଉଦ୍ଦେଶ୍ୟ ଥିଲା। ସେହି ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନକୁ ୩୫ଟି ଇ-ବସ୍ ଯୋଗାଇ ଦିଆଯାଇଥିଲା। ବସ୍‌ରେ ଷ୍ଟିକର ଲଗାଯାଇ ପାରମ୍ପରିକ ଝୋଟି ଓ ଚିତ୍ର କରାଯାଇଥିବାରୁ ଏଗୁଡ଼ିକ ବେଶ୍ ଆକର୍ଷଣୀୟ ଦେଖାଯାଉଛି। ସମଙ୍ଗ ପାର୍କିଂଠାରେ ଏଥିପାଇଁ ଏକ ଟର୍ମିନାଲ ନିର୍ମାଣ କରାଯାଇଛି। ବସଗୁଡ଼ିକ ପ୍ରତିଦିନ ସେଠାରେ ରିଚାର୍ଜ କରାଯିବା ନେଇ ମଧ୍ୟ ବ୍ୟବସ୍ଥା ରହିଛି। ବସ୍‌ଗୁଡ଼ିକ ମୁଖ୍ୟତଃ ପୁରୀ ରେଲଷ୍ଟେଶନ, ବସ୍‌ଷ୍ଟାଣ୍ଡ ଓ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରୁ ଭକ୍ତଙ୍କୁ ମାଗଣାରେ ଶ୍ରୀମନ୍ଦିର ନିକଟରୁ ନେବା ଆଣିବା କରିଥାନ୍ତା। ଯାହାଦ୍ୱାରା ଦୂରଦୂରାନ୍ତରୁ ପୁରୀକୁ ଆସୁଥିବା ଭକ୍ତମାନେ ଉପକୃତ ହୋଇପାରିଥାନ୍ତେ। ଏହି ବସ୍ ଚଳାଚଳର ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନ ଉପରେ ନ୍ୟସ୍ତ କରାଯାଇଥିଲା। ପରିକ୍ରମା ମାର୍ଗ ଲୋକାର୍ପଣ ପୂର୍ବରୁ ବିପୁଳ ଅର୍ଥରେ ଏହି ବସ୍‌ଗୁଡ଼ିକ କିଣାଯାଇଥିଲା। ପରିକ୍ରମା ମାର୍ଗ ଲୋକାର୍ପଣ ପରେ ବସ୍‌ଗୁଡ଼ିକ ଚଳାଚଳ କରିବାକୁ ସ୍ଥିର ହୋଇଥିଲା। ତେବେ ଇତିମଧ୍ୟରେ ଲୋକାର୍ପଣ ଉତ୍ସବକୁ ୭ ମାସ ବିତିସାରିଥିଲେ ମଧ୍ୟ ଇ-ବସ୍‌ଗୁଡ଼ିକ ରାସ୍ତାରେ ଗଡ଼ିପାରିଲା ନାହିଁ। ଫଳରେ ଭକ୍ତମାନେ ଏହି ସୁବିଧାରୁ ବଞ୍ଚିତ ହେଲେ। ସମଙ୍ଗ ପାର୍କିଂସ୍ଥଳରେ ଖୋଲା ଆକାଶ ତଳେ ଖରା ବର୍ଷାରେ ଏହି ଇ-ବସ୍‌ଗୁଡ଼ିକ ପଡ଼ିରହି ନଷ୍ଟହେବାକୁ ବସିଛି। ବସ୍ ଚଳାଚଳ ପାଇଁ ଏପର୍ଯ୍ୟନ୍ତ ଡ୍ରାଇଭର କିମ୍ବା ହେଲ୍‌ପର୍ ନିଯୁକ୍ତ କରାଯାଇନାହିଁ। ଏହାର ଦାୟିତ୍ୱରେ ଥିବା ଶ୍ରୀମନ୍ଦିର ପ୍ରଶାସନର ନିଦ କିନ୍ତୁ ଭାଙ୍ଗୁନାହିଁ। ଏ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଯାହା କିଛି ସମସ୍ୟା ରହିଛି, ସେ ନେଇ ଉଚ୍ଚସ୍ତରୀୟ ମିଟିଂ ଡକାଯାଇ ଆଲୋଚନା ସହ ପଦକ୍ଷେପ ଗ୍ରହଣ କରାଯିବ। ୩୫ଟି ଗାଡ଼ି ରହିଛି। ୨ଟି ଚାର୍ଜିଂ ପଏଣ୍ଟ ମଧ୍ୟ ରହିଛି। ଆଉ ୫ଟି ନିର୍ମାଣ ଚାଲିଛି। ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା ହେବ। ଏହାପରେ ବୈଠକର ନିଷ୍ପତ୍ତି ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଇ-ବସ୍‌ଗୁଡ଼ିକ ଚଳାଚଳ କରିବ। ସେହିପରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ବ୍ୟାଟେରିଚାଳିତ ବସ୍ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ତେବେ ସେହି ସମୟରେ କୋଡ୍ ଅଫ୍ କଣ୍ଡକ୍ଟ ଲାଗିଥିବାରୁ ନୂଆ ନିଷ୍ପତ୍ତି ନିଆଯାଇପାରି ନ ଥିଲା। ସେହିପରି ଚାର୍ଜିଂ ଷ୍ଟେଶନ କାମ ସରିନାହିଁ। ଖୁବ୍‌ଶୀଘ୍ର ଶେଷ ହେବ। ଏନେଇ ଆଲୋଚନା କରାଯାଇଛି। ତେବେ ଶ୍ରୀମନ୍ଦିର ପ୍ରଶାସନ କିମ୍ବା କେଉଁ ସଂସ୍ଥା ଦାୟିତ୍ୱ ନେବେ ସେ ନେଇ ଆଲୋଚନା କରାଯାଉଛି। ଖୁବ୍‌ଶୀଘ୍ର ବସ୍‌ଗୁଡ଼ିକ ଭକ୍ତଙ୍କ ସେବାରେ ଲାଗିପାରିବ ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଶିଷ



@ ବିମଳ



@ ଶ୍ୟାମନାରାୟଣ



@ ସୋମନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଂସାରୀ ନଈକୂଳରୁ ମହିଳାଙ୍କ ଗଳିତ ମୃତଦେହ ଜବତ

### ପରିଚୟ ପାଇବା ପାଇଁ ପୋଲିସର ଖୋଳତାଡ଼

ବାଲୁଗାଁ,୪।୮ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଧୀନ କୁମ୍ଭୀରପଡ଼ା ଗ୍ରାମ ସଂଲଗ୍ନ କଂସାରୀ ନଈରୁ ରବିବାର ଜଣେ ମହିଳାଙ୍କ ଗଳିତ ମୃତଦେହ ବାଲୁଗାଁ ପୋଲିସ ଜବତ କରିଛି। ମୃତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ଏ ସଂକ୍ରାନ୍ତରେ ୧୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ କୁମ୍ଭୀରପଡ଼ାର କେତେଜଣ ବ୍ୟକ୍ତି ନଈରେ ଗାଧୋଉଥିବାବେଳେ ଏକ ବାଉଁଶ ବୁଦା ମୂଳେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଖବର ପ୍ରଘଟ ହେବାରେ କୁମ୍ଭୀରପଡ଼ା ଏବଂ ଆଖପାଖ ଗ୍ରାମ ଲୋକେ ରୁଣ୍ଡ ହୋଇଥିଲେ। କିନ୍ତୁ ମୃତଦେହଟି ଫୁଲି ଯାଇଥିବାରୁ କେହି ଚିହ୍ନଟ କରିପାରି ନ ଥିଲେ। ଖବରପାଇ ବାଲୁଗାଁ ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳେ ପହଞ୍ଚି ମୃତଦେହ ଜବତ କରିଥିଲେ। ମହିଳାଙ୍କ ବୟସ ୪୫ରୁ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ନଈର ଉପର ମୁଣ୍ଡରୁ ବର୍ଷାଜଳରେ ମୃତଦେହଟି ଭାସି ଆସିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଛି। ତେବେ ମହିଳା କେଉଁ ଅଞ୍ଚଳର ଏବଂ କେଉଁ ପରିସ୍ଥିତିରେ ସେ ନଈରେ ବୁଡ଼ି ପ୍ରାଣ ହରାଇଛନ୍ତି, ଏହା ଏକ ହତ୍ୟାକାଣ୍ଡ ନା ଆତ୍ମହତ୍ୟା ସେନେଇ ତଦନ୍ତ ଚାଲିଥିବା ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି।



ପୁରୀ: ସୋମବାର ଲୋକନାଥ ମନ୍ଦିରରେ ଜଳ ଲାଗି ପାଇଁ କାଉଡ଼ିଆମାନେ ଯାଉଛନ୍ତି।

## ବିଲରେ କାମ କଲାବେଳେ ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

କୋଣାର୍କ,୪।୮ (ଜ୍ୟୋତିରାଜ ମହାନ୍ତି)

ଗୋପ ବ୍ଲକ କୋଣାର୍କ ଥାନା ଅଧୀନ ଅନସରା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଚାଷୀଙ୍କ ରବିବାର ମୃତ୍ୟୁ ଘଟିଛି। ସେ ହେଲେ ଜଟାଧାରୀ ବରାଳ (୫୯)। ଏନେଇ ୬/୨୪ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଜଟାଧାରୀ ସକାଳେ ନିଜ ବାରିପଟ ବିଲକୁ କାମ କରିବାକୁ ଯାଇଥିଲେ। ବାରିପଟେ ପୂର୍ବରୁ ବିଦ୍ୟୁତ୍ ତାର ପଡ଼ିଥିଲା। ଅଜାଣତରେ ସେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। କୌଣସି କାର୍ଯ୍ୟ ବଶତଃ ଗ୍ରାମର ଜଣେ ମହିଳା ବାରିପଟକୁ ଯିବା ସମୟରେ ଜଟାଧାରୀଙ୍କୁ ତଳେ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଟାଧାରୀଙ୍କ ପୁତୁରା ଏନେଇ କୋଣାର୍କ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ସେବାୟତ ବିବାଦ: ମହାପ୍ରଭୁଙ୍କ ନୀତି ବିଳମ୍ବ

### ଶ୍ରଦ୍ଧାଳୁଙ୍କ ଅସନ୍ତୋଷ

ପୁରୀ,୪।୮ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ କରିବା ନେଇ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ସମୟରେ ଆଲୋଚନା କରୁଥିଲେ ମଧ୍ୟ ଅନେକ ସମୟରେ ନୀତିରେ ବିଳମ୍ବ ପରିଲକ୍ଷିତ ହେଉଛି। ରବିବାର ଚିତାଲାଗି ନୀତି ଥିବାରୁ ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳି ଲାଗିଥିଲା। ତେବେ ଶ୍ରୀମନ୍ଦିରରେ ସେବାୟତଙ୍କ ମଧ୍ୟରେ ବିବାଦ ହେବାରୁ ମହାପ୍ରଭୁଙ୍କ ନୀତିରେ କିଛି ସମୟ ବିଳମ୍ବ ଘଟିଥିଲା। ଶ୍ରୀମନ୍ଦିରରେ ପୂଜାପଣ୍ଡା ସେବାୟତ ଦ୍ୱାରପାଳ ପୂଜା କରୁଥିବା ସମୟରେ ପ୍ରଧାନୀ ସେବାୟତ ପିଣ୍ଡି ଉପରେ ଚଢ଼ିଯାଇଥିଲେ। ଏହାକୁ ନେଇ ବିବାଦ ଉପୁଜିଥିଲା। ପୂଜାରେ ବ୍ୟାଘାତ ହେବାରୁ ମାଘସ୍ନାନ ପାଇଁ ପୂଜାପଣ୍ଡା ସେବାୟତ ଜିଦ୍ ଧରିଥିଲେ। ଫଳରେ ନୀତି ସେଠାରେ ଅଟକି ରହିଥିଲା। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପାଖରେ ଖବର ପହଞ୍ଚିବା ପରେ ନୀତି ପ୍ରଶାସକ ପହଞ୍ଚି ପାଳିଆ ସେବାୟତଙ୍କ ସହ ଆଲୋଚନା କରିଥିଲେ। ଦ୍ୱାରପାଳ ପୂଜା ସମୟରେ ବସିଥିବା ଭୋଗକୁ ପୋତାଯିବା ସହ ମାଘସ୍ନାନ ପାଇଁ ନୀତି ପ୍ରଶାସକଙ୍କ ପାଖରେ ପୂଜାପଣ୍ଡା ସେବାୟତ ଜିଦ ଧରିଥିଲେ। ଏଥିଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକାନ୍ତି ଓ ଦର୍ଶନ ବନ୍ଦ ରହିଥିଲା। ଫଳରେ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂଜାପଣ୍ଡାଙ୍କ ସହ ଆଲୋଚନା କରାଯାଇ ଶେଷରେ ମହାସ୍ନାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗରୁଡ଼ ଓ ଜୟବିଜୟଙ୍କ ମହାସ୍ନାନ ହେବା ପରେ ପୁଣି ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ଆଗକୁ ଠାକୁରଙ୍କ ନୀତିକାନ୍ତିରେ ଯେଭଳି କୌଣସି ବିଭ୍ରାଟ ନ ହୁଏ ସେଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ବିଶେଷ ଧ୍ୟାନ ଦେବା ପାଇଁ ସେବାୟତ ଏବଂ ଭକ୍ତ ଦାବି କରିଛନ୍ତି।

## ବଜ୍ରପାତରେ ଜଣେ ଗୁରୁତର

ନିଶ୍ଚିନ୍ତକୋଇଲି,୪।୮ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ପାଳଦା ଗ୍ରାମରେ ରବିବାର ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ବଜ୍ରପାତରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ଜଗା ଦାସ(୩୫)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ଦମ୍ପତି ମୃତ

### ଆଇନଜୀବୀ ପରିବାର ବିଷ ପିଇବା ଘଟଣା

କଟକ,୪।୮ (କାର୍ତ୍ତିକ ସାହୁ)

କଟକ ଜିଲା ମର୍କତନଗର ଥାନା ଅଧୀନ ସେକ୍ଟର-୬ ଅଞ୍ଚଳରେ ବିଷ ପିଇଥିବା ଆଇନଜୀବୀ ପରିବାରର ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରହ୍ମପୁର ଅଞ୍ଚଳର ଉମାଚରଣ ପଣ୍ଡା(୮୫) ଓ ତାଙ୍କ ସ୍ତ୍ରୀ ସରୋଜିନୀ ପଣ୍ଡା(୭୬)। ଉମାଚରଣଙ୍କର ଶନିବାର ରାତିରେ ମୃତ୍ୟୁ ଘଟିଥିବାବେଳେ ସରୋଜିନୀଙ୍କର ରବିବାର ଅପରାହ୍ନରେ ମୃତ୍ୟୁ ଘଟିଥିବା ଏସ୍‌ସିବି ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ସେମାନଙ୍କ ପୁଅ ସୌମ୍ୟରଞ୍ଜନ ପଣ୍ଡା(୪୪)ଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ସେ ଏବେ ମେଡିକାଲର ପୁରୁଣା ମେଡିସିନ ୱାର୍ଡରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁସାରେ, ମର୍କତନଗର ଥାନା ସେକ୍ଟର-୬ ଅଞ୍ଚଳରେ ଭଡ଼ାରେ ରହୁଥିବା ଏହି ଆଇନଜୀବୀ ପରିବାରର କେହି ସଦସ୍ୟ ଦୀର୍ଘ ସମୟ ଧରି ଘରୁ ବାହାରି ନ ଥିଲେ। ଗୁରୁବାର ରାତିରେ ପଡ଼ୋଶୀ ଲୋକଙ୍କ ସନ୍ଦେହ ହେବାରୁ ମର୍କତନଗର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲା। ଘର ଭିତରୁ ସ୍ୱାମୀ, ସ୍ତ୍ରୀ ଓ ପୁଅଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲା। ଘଟଣା ଘଟିଥିବା ଘରୁ ଗୋଟିଏ କୀଟନାଶକ ବୋତଲ ପୋଲିସ ଜବତ କରିଛି। ପରିବାରରେ ଲାଗି ରହିଥିବା ଆର୍ଥିକ ସମସ୍ୟା ଯୋଗୁ ସପରିବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

## ପିକ୍‌ଅପ୍ ଭ୍ୟାନ୍ ଓଲଟି ୨୦ କାଉଡ଼ିଆ ଆହତ,୩ ଗୁରୁତର

ନିଶ୍ଚିନ୍ତକୋଇଲି/ ସାଲେପୁର,୪।୮ (ଅଶୋକ କୁମାର ମହାପାତ୍ର/ଅରବିନ୍ଦ ଭୂୟାଁ)



ଡାକ୍ତରଖାନାରେ ଚିକିତ୍ସା ହେଉଥିବା ଆହତ କାଉଡ଼ିଆମାନେ।

କାଉଡ଼ିଆମାନଙ୍କୁ କଟକ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ ରବିବାର ନିଶ୍ଚିନ୍ତକୋଇଲି ବ୍ଲକର କୋଲଣପୁର ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ୨୦ ଜଣ କାଉଡିଆ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ସାଧକନଗର ଗ୍ରାମର ମହାପ୍ରସାଦ ବେହେରା, ଚନ୍ଦ୍ରଶେଖର ସାହୁ ଓ ସୋମୁ ସାହୁ।

ପୂର୍ବାହ୍ନରେ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତ ଅନ୍ତର୍ଗତ ସାଧକନଗର ଓ ବରପଡା ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ଯୁବକ ଜଳାଭିଷେକ କରିବା ନିମନ୍ତେ କଟକ ଗଡଗଡିଆ ଘାଟକୁ ୨ଟି ପିକ୍‌ଅପ୍ ଭ୍ୟାନରେ ଯାଉଥିଲେ। ସେମାନେ ଗଡଗଡିଆ ଘାଟରୁ ଜଳ ଉଠାଇ ବୁହାଲୋ ଗ୍ରାମପଞ୍ଚାୟତ ବରପଡ଼ାସ୍ଥିତ ପ୍ରସିଦ୍ଧ ସୋମନାଥ ମନ୍ଦିରରେ ଜଳାଭିଷେକ କରିବା ପାଇଁ ସ୍ଥିର କରିଥିଲେ। ଏନେଇ ସେମାନେ ଗଡଗଡିଆ ଘାଟ ଅଭିମୁଖେ ଯାଉଥିଲା ବେଳେ ଗୋଟିଏ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ୨୦ ଜଣ କାଉଡିଆ ଆହତ ହୋଇଥିଲେ।

## ଖୋର୍ଦ୍ଧାଗଡ଼, ବରୁଣେଇ ପୀଠର ପୁନରୁଦ୍ଧାର ହେବ

■ପର୍ଯ୍ୟଟନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବଙ୍କ ପରିଦର୍ଶନ

■୭ରେ ଆସିବେ ଉପମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ

ଖୋର୍ଦ୍ଧା,୪।୮ (ପ୍ରଭାତ ପାଣିଗ୍ରାହୀ)



ପର୍ଯ୍ୟଟନ ବିଭାଗର ଅଧିକାରୀମାନେ ଖୋର୍ଦ୍ଧାଗଡ଼ ପରିଦର୍ଶନ କରୁଛନ୍ତି।

ଭାରତର ଶେଷ ସ୍ୱାଧୀନ ଦୁର୍ଗ ତଥା ପାଇକ ବିଦ୍ରୋହର ଅନ୍ତୁଡ଼ିଶାଳ ଐତିହାସିକ ଖୋର୍ଦ୍ଧାଗଡ଼ ଓ ବରୁଣେଇ ପୀଠର ପୁନରୁଦ୍ଧାର ହେବ। ରବିବାର ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ସ୍ୱତନ୍ତ୍ର ସଚିବ ବାଳମୁକୁନ୍ଦ ଭୂୟାଁ ଖୋର୍ଦ୍ଧା ଗସ୍ତରେ ଆସି ଖୋର୍ଦ୍ଧାଗଡ଼ ଏବଂ ବରୁଣେଇ ପୀଠ ପରିଦର୍ଶନ କରିଥିଲେ। ଖୋର୍ଦ୍ଧାଗଡ଼ର ଐତିହାସିକ ଓ ବରୁଣେଇ ପୀଠର ମାହାତ୍ମ୍ୟ ସମ୍ପର୍କରେ ଜାଣି ଖୁସିବ୍ୟକ୍ତ କରିଥିଲେ। ଏହି ଗସ୍ତ ବେଳେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ, ପୌର ଅଧିକାରୀ ରିଜ୍‌ୱାନା କଅକବ, ପୂର୍ତ୍ତ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିବଲାଲ ସାହୁ, ବିଡିଓ କ୍ଷୀରାବ୍ଧିତନୟା ସାହୁ, ଜିଲା ପର୍ଯ୍ୟଟନ ଅଧିକାରୀ ମୀରାବାଈ ବେହେରାଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଜଗଦେବ କହିଲେ ଯେ, ରାଜ୍ୟ ସରକାର ପର୍ଯ୍ୟଟନ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ପ୍ରସ୍ତାବିତ ପାଇକ ସ୍ମାରକୀ, ଖୋର୍ଦ୍ଧାଗଡ଼ ପୁନରୁଦ୍ଧାର ଓ ବରୁଣେଇ ପୀଠର ସୌନ୍ଦର୍ଯ୍ୟକରଣ କରାଯିବ। ଏହାର ମାଷ୍ଟରପ୍ଲାନ କରାଯାଇଛି। ଆସନ୍ତା ୭ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପରିଦର୍ଶନରେ ଆସିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷରେ ରବିବାର ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କ ଗସ୍ତ ଅବସରରେ ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ନିକୁଞ୍ଜ ପଟ୍ଟନାୟକ, ନରେନ୍ଦ୍ର ପୃଷ୍ଟି, ଦୀପକ ହୋତାଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

**ଦେବୀନଦୀରୁ ବାଇକ୍ ଜବତ**

ଅସ୍ତରଙ୍ଗ,(ପ୍ରଦୀପ୍ତ କୁମାର ଦୀକ୍ଷିତ) ଅସ୍ତରଙ୍ଗ ବ୍ଲକ ବାଲିଡିଆ ନିକଟ ଦେବୀନଦୀ କୂଳରୁ ରବିବାର ଅପରାହ୍ଣରେ ଏକ ନାଲି ରଙ୍ଗ ବାଇକ୍ ସ୍ଥାନୀୟ ଜଣେ ଯୁବକ ଉଦ୍ଧାର କରିଛନ୍ତି। ଯାହାକୁ ନେଇ ରହସ୍ୟ ବଢ଼ୁଛି। କେହି ଗାଡ଼ି ରଖି ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ଗାଡ଼ି ନମ୍ବର ପ୍ଲେଟର କିଛି ନମ୍ବର ଲିଭି ଯାଇଥିବାରୁ ବାଇକ୍ କାହାର ସ୍ପଷ୍ଟ ଜଣାପଡ଼ିନାହିଁ।




୪।୮।୨୦୨୪

| | |
|---|---|
| ୫,୧୫,୬୪୫ ଟଙ୍କା | |
| ସୁନା | ୪.୭୫୦ ଗ୍ରାମ୍ |
| ରୁପା | ୩୭.୯୫୦ ଗ୍ରାମ୍ |

## ସଂକ୍ଷେପରେ

### ନଡ଼ିଆ ଗଛ ପଡ଼ି ଶ୍ରୀମନ୍ଦିର ଯୋଗାଣିଆ ଗୁରୁତର

ପୁରୀ,୪।୮(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରିସରରେ ରବିବାର ଅଘଟଣ ଘଟିଛି। ଶ୍ରୀମନ୍ଦିର କୋଇଲି ବୈକୁଣ୍ଠ ଉପବନରେ ଦିଲ୍ଲୁ ପଣ୍ଡା ନାମକ ପରିବା ଯୋଗାଣିଆ ବୁଲାବୁଲି କରିବା ସମୟରେ ତାଙ୍କ ଉପରେ ଗୋଟିଏ ପୋକା ନଡ଼ିଆ ଗଛ ପଡ଼ିବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଦିଲ୍ଲୁଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ସୂଚନା ଅନୁଯାୟୀ, ରବିବାର ନଡ଼ିଆ ଗଛରେ ଗୋଟିଏ ମାଙ୍କଡ଼ ଚଢିଯାଇ ଦୋହଲାଇ ଦେଇଥିଲା। ଫଳରେ ଗଛଟି ଭାଙ୍ଗି ଦିଲ୍ଲୁଙ୍କ ଉପରେ ପଡ଼ିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦିଲ୍ଲୁ କହିଛନ୍ତି, କୋଇଲି ବୈକୁଣ୍ଠ ପରିସରରେ ଏକ ପୋକା ନଡ଼ିଆ ଗଛ ଥିଲା। ମାଙ୍କଡ ସେହି ନଡିଆ ଗଛରେ ଚଢି ଗଛକୁ ଦୋହାଲାଇଥିଲା। ଫଳରେ ଗଛଟି ଭାଙ୍ଗିଯାଇଥିଲା। ସେହି ସମୟରେ ସେ ଦଉଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ମଧ ତାଙ୍କ ମୁଣ୍ଡରେ ଗଛ ପଡ଼ିଯାଇଥିଲା। ଅନ୍ୟପକ୍ଷରେ ଆଗାମୀ ଦିନରେ ଶ୍ରୀମନ୍ଦିର ଭିତରେ ଯେପରି ଏଭଳି ଅଘଟଣ ନ ଘଟିବ ସେଥିନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ଧ୍ୟାନ ଦେବା ଉଚିତ ବୋଲି ସେବାୟତମାନେ ମତ ପ୍ରକାଶ କରିଛନ୍ତି।

### ଭାଜପା ପ୍ରତିଷ୍ଠାତା ସଦସ୍ୟଙ୍କ ସ୍ମୃତି ସମାରୋହ

ନିମାପଡ଼ା,୪।୮(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ାରେ ଭାଜପା ପ୍ରତିଷ୍ଠାତା ସଦସ୍ୟ, ବରିଷ୍ଠ ନେତା ଦାମୋଦର ମହାନ୍ତିଙ୍କ ପ୍ରଥମ ଶ୍ରଦ୍ଧବାର୍ଷିକୀ ନିମାପଡ଼ା ଜେଲ ଛକ ନିକଟ ମା' ସାଥୀ ଭଉଣୀ ଠାକୁରାଣୀଙ୍କ ପୀଠରେ ରବିବାର ପାଳିତ ହୋଇଯାଇଛି। ସମାରୋହରେ ଭାଜପା ଯୁବନେତା ବିମଳେନ୍ଦୁ ସ୍ୱାଇଁ ଅଧକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ ସମୀର ଦାଶ, ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବରିଷ୍ଠ ଭାଜପା ନେତା ସୁବାସ ମିଶ୍ର, ବିଜୟୀ ପଣ୍ଡାଙ୍କ ସମେତ ବହୁ ନେତୃବୃନ୍ଦ, ରାଜନେତା, ସ୍ୱର୍ଗତ ମହାନ୍ତି ଜଣେ ପୂର୍ବତନ ଦକ୍ଷ ପୋଲିସ ବିଭାଗର ପ୍ରଶାସନିକ ଅଧିକାରୀ ଭାବେ ନିଷ୍ଠାର ସହ କାର୍ଯ୍ୟ କରି ବହୁ ସମ୍ମାନ ଓ ପ୍ରଶଂସା ପାଇଥିଲେ।

### ସ୍ୱାସ୍ଥ୍ୟ ଶିବିର

ପୁରୀ,୪।୮(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରୀୟ ଆୟୁର୍ବିଜ୍ଞାନ ଆୟୋଗ ନିୟମାନୁଯାୟୀ ପୋଷ୍ୟ ପରିବାର ଅଭିଯାନ କାର୍ଯ୍ୟକ୍ରମ ଅଧୀନରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ବେଲଦଳ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମେଡିକାଲ କଲେଜର ଡିନ୍ ପ୍ରଫେସର ସବିତା ମହାପାତ୍ର ଉଦ୍‌ଘାଟନ କରିଥିଲେ। କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ରାମଚନ୍ଦ୍ର ଗିରି, ସହଯୋଗୀ ପ୍ରଫେସର ସଙ୍ଗୀତା ଦାସ, ଜିଲାପରିଷଦ ସଭ୍ୟା ମାମିନା ଦାସ, ସରପଞ୍ଚ ବିପିନ୍ ଦାସ ଏବଂ ଗ୍ରାମର ମୁରବିମାନେ ଉପସ୍ଥିତ ଥିଲେ। ଶଲ୍ୟ ଚିକିତ୍ସକ ପ୍ରଫେସର ଶ୍ରୀକାନ୍ତ ପଣ୍ଡା, ଡା. ଶାନ୍ତନୁ ପାଢୀ, ଡା. ମାୟାଧର ପଣ୍ଡା, ଡା. ବିମଳ କୁମାର ସାହୁ, ଡା. ଶିବଶଙ୍କର ସାହୁ, ଡା. ସୁଜିତ କୁମାର ସାହୁ, ଡା. ବେଦଜ୍ୟୋତି ମହାପାତ୍ର, ଡା. ଅଂଶୁମାନ କର, ଡା. ଆକାଶ ଅଜୟ ପଣ୍ଡା, ଡା. ରିତେଶ ରଞ୍ଜନ ବେହେରା, ଡ. ଅଲିଭା ସାହୁ ଏବଂ ଡା. ଦୀନକୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସମସ୍ତ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। କଲେଜର କମ୍ୟୁନିଟି ମେଡିସିନ୍ ବିଭାଗ ପକ୍ଷରୁ ଏହି ଶିବିର ଆୟୋଜନ କରାଯିବା ସହ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ଅବସରରେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ଡାକ୍ତରୀ ଛାତ୍ରୀଛାତ୍ରମାନେ ଚାରା ରୋପଣ କରିପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ।

# ଦାରୁଦିଅଁଙ୍କ ଦର୍ଶନ ପାଇଁ ପ୍ରବଳ ଗହଳି

**ଦୀର୍ଘ ସମୟ ଧାଡ଼ିରେ ଠିଆହୋଇ ଖରାରେ ସିଝିଲେ ଭକ୍ତ**

ପୁରୀ,୪।୮(ଅଜିତ୍ କୁମାର ମହାନ୍ତି)

ଚିତାଲାଗି ଅମାବାସ୍ୟା ଅବସରରେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହୋଇଛି। ଦାରୁଦିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଦୋଳବେଦି କୋଣଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଦୁଇଟି ଲମ୍ବାଧାଡ଼ି ଲାଗିଥିଲା। ଭକ୍ତମାନେ ଚାରିଦ୍ୱାର ଦେଇ ପ୍ରବେଶ କରିଥିଲେ। ତେବେ ପ୍ରବଳ ଗହଳି ଯୋଗୁ କେତେଜଣ ଭକ୍ତ ଅଣନିଃଶ୍ୱାସୀ ଅନୁଭବ କରିଥିବାବେଳେ ଆଉ କେତେଜଣ ଅଚେତ ହୋଇପଡ଼ିଥିଲେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବାହ୍ନରେ ମହାପ୍ରଭୁଙ୍କ ମହାସ୍ନାନ ହେବା କାରଣରୁ କିଛି ସମୟ ପାଇଁ ଦର୍ଶନ ବନ୍ଦ ରହିଥିଲା। ସେହିପରି ଚିତାଲାଗି ନୀତି ଥିବାରୁ ସର୍ବସାଧାରଣ ଦର୍ଶନ ୪ଘଣ୍ଟା ବନ୍ଦ ରହିଥିଲା। ଖରାରେ ଭକ୍ତମାନେ ଦୀର୍ଘ ସମୟ ଧରି ଧାଡ଼ିବାନ୍ଧି ଠିଆହୋଇ ରହିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାରେ ପ୍ରଶାସନ ଫେଲ ମାରିଛି ବୋଲି ସାଧାରଣରେ ଆଲୋଚନା ହେଉଛି।



ଭକ୍ତମାନେ ଖରାରେ ଧାଡ଼ିବାନ୍ଧି ଠିଆହୋଇ ରହିଛନ୍ତି।

ବର୍ତ୍ତମାନ ଶ୍ରୀମନ୍ଦିରକୁ ପ୍ରବେଶ କରିବା ନିମନ୍ତେ ଚାରିଦ୍ୱାର ଖୋଲାଯାଇଥିଲେ ମଧ ପ୍ରାୟ ପ୍ରତିଦିନ ବିଶେଷକରି ଛୁଟିଦିନ ଓ ପର୍ବପର୍ବାଣି ସମୟରେ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ଦର୍ଶନ ସମୟରେ ଭକ୍ତ ସମସ୍ୟା ଭୋଗୁଛନ୍ତି। ସେହିଭଳି ବଡ଼ମହାସ୍ନାନ ତଥା ଅନ୍ୟାନ୍ୟ ନୀତି ସମୟରେ ଦର୍ଶନ ବନ୍ଦ ରହୁଛି। ମାତ୍ର ସେହି ସମୟରେ ଶ୍ରୀମନ୍ଦିରରେ ଭକ୍ତମାନେ ପ୍ରବେଶ କରୁଛନ୍ତି, ଫଳରେ ଭିତରବେଢ଼ାରେ ଗହଳି ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ଶ୍ରୀମନ୍ଦିର ପ୍ରଶାସନ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ବାହାରେ କେତେଜଣ ବ୍ୟବସାୟୀ ଏହାର ଫାଇଦା ଉଠାଉଛନ୍ତି। ପାଣି ବୋତଲ ଓ ଥଣ୍ଡା ପାନୀୟ ଅଧିକ ମୂଲ୍ୟରେ ବିକ୍ରି କରୁଛନ୍ତି। ବାଧହୋଇ ଭକ୍ତମାନେ ଅଧିକ ମୂଲ୍ୟ ଦେଇ ପାଣି ଓ ଥଣ୍ଡାପାନୀୟ କିଣି ପିଉଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନ ବ୍ୟବସ୍ଥା ଓ ନୀତିକୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ମହାପ୍ରଭୁଙ୍କ ନୀତି ଯେପରି ଶୃଙ୍ଖଳିତ ହେବ ସେ ନେଇ ମୁଖ୍ୟ ପ୍ରଶାସନ ବିଭିନ୍ନ ନିଯୋଗ ସହ ଆଲୋଚନା କରିଛନ୍ତି। ତେଣୁ ଆଗାମୀ ଦିନରେ ନୀତିରେ ଶୃଙ୍ଖଳା ଆସିବ ବୋଲି ଆଶା କରାଯାଉଛି। ସେହିପରି ଶୃଙ୍ଖଳିତ ଦର୍ଶନ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।



ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟରେ ଆୟୋଜିତ ଶିଷ୍ୟଉପନୟନ କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ ଏବଂ ଅତିଥିଙ୍କ ଗହଣରେ ନବାଗତ ଛାତ୍ରୀଛାତ୍ରମାନେ।

## ସାକ୍ଷୀଗୋପାଳଙ୍କ ଚିତାଲାଗି ଅମାବାସ୍ୟା ନୀତି

ସାକ୍ଷୀଗୋପାଳ,୪।୮(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସାକ୍ଷୀଗୋପାଳ ମନ୍ଦିରରେ ପାରମ୍ପରିକ ରୀତିନୀତିରେ ରବିବାର ଚିତାଲାଗି ଅମାବାସ୍ୟା ନୀତି ଅନୁଷ୍ଠିତ ହୋଇଯାଇଛି। ପ୍ରତିଦିନ ଭଳି ଦୁଆର ଉନ୍ମୋଚନ କରାଯାଇ ଠାକୁରଙ୍କ ମଙ୍ଗଳଆଳତି ନୀତିଠାରୁ ସମସ୍ତ ନୀତିକାନ୍ତି ସହ ବେଶ, ମଇଲମ, ମର୍ଦ୍ଦନ, ଅବକାଶ, ସୂର୍ଯ୍ୟପୂଜା, ବାହାର ଦ୍ୱାରପାଳ, ଭିତର ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ ଆଦି କରାଯାଇଥିଲା। ଦ୍ୱିପ୍ରହର ଧୂପରେ ଯାତ ଭୋଗ, ପରେ ସାକ୍ଷୀଗୋପାଳ ଠାକୁରଙ୍କୁ ସୁନାର ଚିତା ଲାଗି କରାଯାଇ ଆଳତି ଓ ଉପଚାର କରାଯାଇଥିଲା। ସୁନା ଚିତା ଲାଗି ପରେ ଛତି, ତ୍ରାସ ସହ ଛାମୁ ଖୁଣ୍ଟିଆ କାଠି ବାଡ଼େଇବା ଘଣ୍ଟ, ବିଜେ କାହାଳୀ, ତେଲିଙ୍ଗି ବାଜା ଓ ମହୁରୀ ବଜାଯାଇ ଆଳତି କରାଯାଇଥିଲା। ପୂଜାପଣ୍ଡା ସେବକ ଠାକୁରଙ୍କୁ ଦୂବ ଓ ଅରୁଆ ଚାଉଳରେ ବନ୍ଦାପନା କରିଥିବା ସୁପରଭାଇଜର ବିଶ୍ୱନାଥ ମହାପାତ୍ର କହିଛନ୍ତି। ଠାକୁରଙ୍କ ଏହି ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସୁଆର ସେବକଙ୍କ ଦ୍ୱାରା ପିଠା ଲାଗି କରାଯାଇଥିଲା।

## ଅଲାରନାଥଙ୍କୁ ଲାଗିହେଲା ସୁବର୍ଣ୍ଣ ଚିତା

ବ୍ରହ୍ମଗିରି,୪।୮(ସ୍ୱାଧିନ ଚମ୍ପତିରାୟ)

ଶ୍ରାବଣ ଅମାବାସ୍ୟା ତିଥି ଅର୍ଥାତ ଚିତାଲାଗି ଅମାବାସ୍ୟାରେ ଶ୍ରୀଅଲାରନାଥ ଦେବଙ୍କୁ ସୁବର୍ଣ୍ଣ ଚିତା ଲାଗି କରାଯାଇଛି। ଦିନ ସାରା ଶ୍ରୀଜୀଉଙ୍କ ପୀଠରେ ପ୍ରଭୁଙ୍କ ଏହି ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। ଏହି ତିଥିରେ ଶ୍ରୀଜୀଉଙ୍କୁ ସ୍ୱତନ୍ତ୍ର ଭୋଗରେ ଚିତଉ ପିଠା ଲାଗି କରାଯାଇଛି। ପ୍ରତିଦିନ ଭଳି ରବିବାର ଭୋର ସାଢେ ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ବିଭିନ୍ନ ନୀତି ବଢିବା ପରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ଅନ୍ୟାନ୍ୟ ନୀତି ବଢିବା ପରେ ସକାଳ ଧୂପ ଓ ଦ୍ୱିପ୍ରହର ଧୂପ ହୋଇଥିଲା। ଅପରାହ୍ନ ୩ଟାରେ ଶ୍ରୀଜୀଉଙ୍କୁ ସୁବର୍ଣ୍ଣ ଚିତା ଲାଗି କରାଯିବା ସହିତ ବିଭିନ୍ନ ଆଭୂଷଣରେ ସୁସଜ୍ଜିତ କରାଯାଇଥିଲା।

## ଦେବୀ ନଦୀବନ୍ଧ ପରିଦର୍ଶନ କଲେ ବିଧାୟକ

ଅସ୍ତରଙ୍ଗ,୪।୮(ପ୍ରଦୀପ୍ତ କୁମାର ଦୀକ୍ଷିତ)

ହୀରାକୁଦରୁ ବନ୍ୟାଜଳ ଛଡ଼ାଯିବା ପରେ ବିଭିନ୍ନ ଶାଖାନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ମହାନଦୀର ଶାଖାନଦୀ ଦେବୀନଦୀରେ ମଧ ବନ୍ୟାଜଳ ପ୍ରବାହିତ ହେଉଛି। ଦୀର୍ଘଦିନ ହେବ କାକଟପୁର ଜଳସମ୍ପଦ ବିଭାଗ ଅଧୀନ କାକଟପୁର ବାଉରିଆକଣ ନିକଟରେ ବନ୍ଧ ଦବିଯାଇଥିବାବେଳେ ଏହି ବନ୍ଧ କାର୍ଯ୍ୟ ପୁନର୍ବାର ଆରମ୍ଭ କରାଯାଇଛି। ଶନିବାର ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକଙ୍କ ସହ ପ୍ରମୁଖ ଦେବୀନଦୀ ବନ୍ଧର କାକଟପୁର ବାଉରିଆକଣ, ଷାଠିଏବାଟି, ଅସନ, ଓସିଆ, କାଳିଆକଣ, ନଗର, ତାଳଦା ବନ୍ଧ ପରିଦର୍ଶନ କରିବା ସହିତ ବନ୍ଧର ସ୍ଥିତି ସମ୍ପର୍କରେ ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହାସହ ନଦୀବନ୍ଧର ସମସ୍ୟା ନେଇ ନଦୀ ତଟବର୍ତ୍ତୀ ଗ୍ରାମବାସୀଙ୍କୁ ଭେଟି କଥା ହୋଇଥିଲେ।



## ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ନେଇ ପୃଥକ୍ ମାମଲା ରୁଜୁ

ବଳଙ୍ଗା,୪।୮(କେଦାରେଶ୍ୱର ନନ୍ଦ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଶନିବାର ସନ୍ଧ୍ୟାରେ ମୈଜୁବେଗ ଛକ ମହାବୀର ମନ୍ଦିରଠାରେ ଗଣ୍ଡଗୋଳ ହୋଇଥିବା ସମ୍ପର୍କରେ ବଳଙ୍ଗା ଥାନାରେ ପୃଥକ୍ ପୃଥକ୍ ଅଭିଯୋଗ ହୋଇଛି। ଏନେଇ ପୋଲିସ ୨୧୪/୨୪ ଓ ୨୧୫/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରଫୁଲ୍ଲ ବିଶ୍ୱାଳଙ୍କ ଅଭିଯୋଗ ଅନୁଯାୟୀ, ମହାବୀର ମନ୍ଦିରଠାରେ ସେ ଏକୁଟିଆ ବସିଥିଲେ। ଏହି ସମୟରେ ଚନ୍ଦ୍ରାଦେଇପୁର ଗ୍ରାମର ଗଣେଶ ବେହେରା, ଲାପୁ ସ୍ୱାଇଁ, ଦେଇ ଦାସ, ଚନ୍ଦୁ ପରିଡ଼ା ଓ ଗଡୁ ପୂର୍ବ ଯୋଜନା ମୁତାବକ ହାତରେ ମାରଣାସ୍ତ୍ର ଧରି ଚାରିପଟେ ଘେରିଯାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ସେ ତଳେ ପଡ଼ି ଚେତାଶୂନ୍ୟ ହୋଇ ହୋଇଯିବାରୁ ବେକରେ ଥିବା ସୁନା ଚେନ୍ ଓ ୧୦ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପଟରେ ଝୁନୁମଣି ବେହେରାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ସମ୍ବିତ କୁମାର ବେହେରାଙ୍କୁ ପ୍ରଫୁଲ୍ଲ ଫୋନ କରି ମୈଜୁବେଗ ଛକ ପାଖକୁ ଆସିବାକୁ କହିଥିଲେ। ସମ୍ବିତଙ୍କ ସହ ତାଙ୍କ ସାଙ୍ଗ ରଣଜିତ୍ ସ୍ୱାଇଁ ମନ୍ଦିର ପାଖକୁ ଆସିବାରୁ ପ୍ରଫୁଲ୍ଲ, ପପୁ ବିଶ୍ୱାଳ, ବାବୁ ବିଶ୍ୱାଳ, ରାକେଶ ବିଶ୍ୱାଳ ସେଠାରେ ପହଞ୍ଚିଥିଲେ। ତେବେ ପ୍ରଫୁଲ୍ଲ ଓ ତାଙ୍କ ସାଙ୍ଗ ସମ୍ବିତ ଓ ତାଙ୍କ ସାଙ୍ଗଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପୂର୍ବ ଯୋଜନା ମୁତାବକ ମାରଣାସ୍ତ୍ରରେ ଆକ୍ରମଣ କରି ସୁନା ଚେନ୍ ଛଡ଼ାଇ ନେଇଥିଲେ। ଝୁନୁମଣି ଖବର ପାଇ ସେଠାରେ ପହଞ୍ଚି ଆମ୍ବୁଲାନ୍ସରେ ସମସ୍ତଙ୍କୁ ମେଡିକାଲ ପଠାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ହାଇକୋର୍ଟ ନିର୍ଦ୍ଦେଶ ଶୁଣୁନି ପ୍ରାଣୀ ସମ୍ପଦ ବିଭାଗ

**୨୭ ବର୍ଷ ଧରି ଚାକିରି ପାଇଁ ଦୌଡୁଛନ୍ତି ଭଗବାନ**

ଗୋପ,୪।୮(ଭାରତୀ ଭୂଷଣ ଉପାଧ୍ୟାୟ)

ଚାକିରି ଖଣ୍ଡିଏ ପାଇବାକୁ ଏ ଅଫିସରୁ ସେ ଅଫିସ ଦୀର୍ଘ ୨୭ ବର୍ଷ ଧରି ଦୌଡୁଛନ୍ତି ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ପଞ୍ଚାୟତ ହାଟସାହି ଗ୍ରାମର ଭଗବାନ ସାହୁ (୫୨)। ହାଇକୋର୍ଟଙ୍କ ନିର୍ଦ୍ଦେଶ ସହିତ ଲୋକ ଅଦାଲତଙ୍କ ନିର୍ଦ୍ଦେଶ ପ୍ରାଣୀ ସମ୍ପଦ ବିଭାଗ ଶୁଣି ନ ଥିବା ଭଗବାନ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ୧୯୯୫ ମସିହାରେ ପଶୁ ସମ୍ପଦ ବିଭାଗ ଅଧୀନ ନିମାପଡ଼ା ବ୍ଲକର ତମ୍ପାଳଠାରେ ଥିବା ଏକ ପ୍ରାଣୀ ସମ୍ପଦ ବିଭାଗରେ ଭଗବାନ କାର୍ଯ୍ୟ କରୁଥିଲେ। ସେହିପରି ଆଉ କେତେଜଣ ବ୍ୟକ୍ତି ବିଭିନ୍ନ ପଶୁ ସମ୍ପଦ ବିଭାଗରେ ମଧ କାର୍ଯ୍ୟ କରୁଥିଲେ। କିନ୍ତୁ ୨ ବର୍ଷ ପରେ କୌଣସି କାରଣ ନ ଦର୍ଶାଇ ଭଗବାନଙ୍କୁ ଚାକିରିରୁ ବାହାର କରି ଦିଆଯାଇଥିଲା। ପେଟ ଚାଖଣ୍ଡକ ପାଇଁ ଭଗବାନ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ନିରାଶ ହେବା ପରେ ୧୯୯୮ ମସିହାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ନଂ. ୧୦୨୮୯/୯୭ରେ ଏକ କେସ କରିବା ପରେ କୋର୍ଟ ତୁରନ୍ତ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରାଣୀ ସମ୍ପଦ ବିଭାଗ ଏହି ନିର୍ଦ୍ଦେଶକୁ ଏ ପର୍ଯ୍ୟନ୍ତ ଶୁଣିନାହିଁ। ବର୍ତ୍ତମାନ ଭଗବାନ ତାଙ୍କ ସ୍ତ୍ରୀ ସବିତା ଓ ପିଲାମାନେ ଭୋକ ଉପାସରେ ସମୟ ବିତାଉଥିବା ସମୟରେ ଭଙ୍ଗା ଘରେ ରହୁଛନ୍ତି। ଏନେଇ ଭଗବାନଙ୍କୁ ପଚାରିବାରେ, ସମସ୍ତ କୋର୍ଟ, ପଶୁ ସମ୍ପଦ ବିଭାଗ ଅଧିକାରୀଙ୍କ ଉପରୁ ଆସ୍ଥା ତୁଟି ଯାଇଛି। ଏବେ କିନ୍ତୁ ନୂଆ ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ବିଶ୍ୱାସ ରହିଛି ବୋଲି କୋହଭରା କଣ୍ଠରେ କହିଛନ୍ତି।

## ସେଲ୍ଫ ଏନ୍‌ପାୱାରମେଣ୍ଟ ଗ୍ରୁପର ୩ୟ ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ନିମାପଡ଼ା,୪।୮(ରଞ୍ଜନ ପଟ୍ଟନାୟକ)

ସ୍ଥାନୀୟ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସେଲ୍ଫ ଏନପାୱାରମେଣ୍ଟ ଗ୍ରୁପର ୩ୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୀପକ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପବିତ୍ର ମିଶ୍ର ମାନବ ସେବା ହିଁ ପ୍ରକୃତ ଭଗବାନଙ୍କ ସେବା ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଆଇନଜୀବୀ ସୁଧୀର ମହାନ୍ତି, ଯୋଗଗୁରୁ ପ୍ରମୋଦ ମହାନ୍ତି, ସାମାଜିକ କର୍ମୀ ଦଣ୍ଡପାଣି ସାହୁ ଏବଂ ବରିଷ୍ଠ ଖବରଦାତା ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିଙ୍କ ସହିତ ଖବରଦାତା ଶକ୍ତି ପ୍ରସାଦ ରଥ ରମାକାନ୍ତ ବେହେରା, ଅଶୋକ ବେହେରା, ନଳିନୀ କାନ୍ତ ପରିଡ଼ାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ପରିଷଦ ବୈଠକ

ପୁରୀ,୪।୮(ଅଜିତ କୁମାର ମହାନ୍ତି):

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ପରିଷଦ ବୈଠକ ରବିବାର ଶ୍ରୀଗୁଣ୍ଡିଚା ଭକ୍ତନିବାସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫେଡେରେଶନର ୨୫ଟି ସାଙ୍ଗଠନିକ ଜିଲାପରିଷଦ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ବୈଠକରେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ତଥା ଶଙ୍କର୍ଷଣ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଫେଡେରେଶନର ପୂର୍ବତନ ସଧାରଣ ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ନେତ୍ରୀ ସୁଚିତ୍ରା ଦାଶ ଅତିଥି ପରିଚୟ ଓ ପୁରୀ ଜିଲା ସମ୍ପାଦକ ରାମନାରାୟଣ ମିଶ୍ର ଅଭିମୁଖ୍ୟ ପ୍ରଦାନ କରିଥିଲେ । ଶିକ୍ଷକମାନଙ୍କ ସମସ୍ୟା ଓ ସମ୍ବିଧାନର ବିଧି ବ୍ୟବସ୍ଥା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ସଭାପତି ରମଣୀ ରଞ୍ଜନ ତ୍ରିପାଠୀ ସଭାପତି ପଦରୁ ଜୁନ୍ ୩୦ରେ ସାଙ୍ଗଠନିକ ଅଚଳ ଅବସ୍ଥାକୁ ଦେଖି ରାଜ୍ୟ ସଙ୍ଗଠନକୁ ଭଙ୍ଗ କରିଥିବା ପଦକ୍ଷେପକୁ ପରିଷଦ ଅନୁମୋଦନ କରି ନୂତନ କର୍ମକର୍ତ୍ତା ସର୍ବସମ୍ମତି କ୍ରମେ ଚୟନ କରିଥିଲେ। ନିର୍ବାଚନ ତତ୍ତ୍ୱାବଧାରକ ଭାବେ ଭ୍ରମରବର ରାଉତ, ଗୋବିନ୍ଦ ଚନ୍ଦ୍ର ସୂଆର, ପଦ୍ମନାଭ ବେହେରା ଓ ପୂର୍ବତନ ମହାସଚିବ ଅମୀୟ କୁମାର ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ରମଣୀ ରଞ୍ଜନ ତ୍ରିପାଠୀ ସଭାପତି, ଗୋବିନ୍ଦ ଚନ୍ଦ୍ର ରାଉତ ଉପସଭାପତି, ସୁନୀଲ କୁମାର ବୋଡ, ରଞ୍ଜିତ କୁମାର ନାୟକ, ରାମନାରାୟଣ ମିଶ୍ର, ଲିଲିମା ପଟେଲ୍ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ସନାତନ ପଟ୍ଟନାୟକ, ଜ୍ୟୋତିରଞ୍ଜନ ଦାଶ ମହାସଚିବ ଓ ଆଞ୍ଚଳିକ ସମ୍ପାଦକ ଭାବେ ପ୍ରଦୀପ୍ତ କୁମାର ମିଶ୍ର, ବିଧୁଭୂଷଣ ନାୟକ, ଭ୍ରୂକୁଟି ଗୌଡ଼, ଅନୁସୂୟା ଦେବୀ ଓ ସଞ୍ଜୟ କୁମାର ମିଶ୍ର ପ୍ରମୁଖ ମନୋନୀତ ହୋଇଛନ୍ତି। ଅନ୍ୟତମ ନିର୍ବାଚନ ତତ୍ତ୍ୱାବଧାରକ ପଦ୍ମନାଭ ବେହେରା ସଭିଙ୍କୁ ଶପଥ ପାଠ କରାଇଥିଲେ। ଶେଷରେ ନୟାଗଡ଼ ଜିଲା ସମ୍ପାଦକ ଭକ୍ତରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

ଯୋଗେଶ୍ୱରପୁର,୪।୮(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅଧୀନ ନୟାହାଟ ଅଞ୍ଚଳର ଇସାଣପୁର ପଞ୍ଚାୟତରେ ଆର୍ଥିକ ୨୩-୨୪ବର୍ଷରେ କରାଯାଇଥିବା ରାସ୍ତଘାଟ କାର୍ଯ୍ୟ ନିମ୍ନମାନର ହୋଇଛି। କାର୍ଯ୍ୟ ହେବା ୨ ମାସ ମଧ୍ୟରେ ରାସ୍ତା ଫାଟି ଯାଇଥିବା ନେଇ ଗ୍ରାମର ମାନସ ରଞ୍ଜନ ସ୍ୱାଇଁ ପୁରୀ ଭିଜିଲାନ୍ସଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ଯନ୍ତ୍ରୀଙ୍କ ନାମରେ କାମ ଥିବାବେଳେ ସେ ଅନ୍ୟ ଏକ ଲୋକଙ୍କୁ ଦେଇଥିଲେ। ଉକ୍ତ କାର୍ଯ୍ୟ ହେବାର ମାସକ ଭିତରେ ରାସ୍ତା ନଷ୍ଟ ହୋଇଯାଇଛି। ରାଧାଦାମୋଦର ବିଦ୍ୟାପୀଠରେ ୯ ଲକ୍ଷ ଟଙ୍କାର କାର୍ଯ୍ୟ, କଦମ୍ବପାଟଣା କୋଠଘର ୩ ଲକ୍ଷ, କଦମ୍ବପାଟଣା ତ୍ରିନାଥଭୋଗ ମଣ୍ଡପ ନିର୍ମାଣ ୨ଲକ୍ଷ ୫୦ହଜାର, ରାଧାଦାମୋଦର ମଠକୁ ଢଳାଇ ରାସ୍ତା ପାଇଁ ୩ ଲକ୍ଷ ଟଙ୍କାର ବ୍ୟକ୍ତି ଗତ ଜାଗାରେ କାର୍ଯ୍ୟ ନିର୍ମାଣ ହୋଇଥିବାରୁ ଜାଗା ମାଲିକ ଉକ୍ତ ରାସ୍ତାକୁ ଭାଙ୍ଗି ତାରବାଡ଼ ବୁଲାଇଛନ୍ତି। ଏନେଇ ପୁରୀ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲେ ମଧ ଅଦ୍ୟାବଧି ତଦନ୍ତ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଏଏପିର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ



ପୁରୀ, ୪।୮(ଅଜିତ କୁମାର ମହାନ୍ତି):

ଭକ୍ତ ସାଲବେଗ ପୀଠରେ ରବିବାର ଆମ୍ ଆଦମୀ ପାର୍ଟି (ଏଏପି)ର ପୁରୀ ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଙ୍ଗଠନ କିପରି ଅଧିକ ମଜଭୁତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ସେହିପର ନୂତନ ଟିମ୍ ଗଠନ କରାଯିବ ବୋଲି ପ୍ରସ୍ତାବ ପାରିତ ହୋଇଛି। ଏହି ଅବସରରେ ପାର୍ଟି ପକ୍ଷରୁ କେତେକ ଦାବି ଉପସ୍ଥାପନ କରାଯାଇଥିଲା। ପୁରୀ ପୌର ନିର୍ବାଚନ କରାଯିବା, ଡ୍ରେନ୍ ସଫେଇ ଓ ଜଳ ନିଷ୍କାସନ ସୁବିଧା କରାଯିବା, ମ୍ୟାଲେରିଆ ରୋଗ ନିରାକରଣ ପାଇଁ ପଦକ୍ଷେପ ନିଆଯିବାକୁ ଦାବି କରାଯାଇଛି। ସେହିପରି ଉଠାଦୋକାନୀଙ୍କ ସମସ୍ୟାର ସମାଧାନ, ସ୍ୱାସ୍ଥ୍ୟସେବା ସମସ୍ୟା ଦୂର, ବ୍ରହ୍ମଗିରିରେ ସାତପଡ଼ାରୁ ଜହ୍ନିକୁଦାରୁ ସେତୁ ନିର୍ମାଣ, ସାକ୍ଷୀଗୋପାଳରେ ଓଭରବ୍ରିଜ୍ ଏବଂ ଅସ୍ତରଙ୍ଗରେ ତାଳଦା ବ୍ରିଜ କାର୍ଯ୍ୟକ୍ଷମ କରାଯିବା ସହ ପୁରୀ ସହରରେ ଆଇନ ଶୃଙ୍ଖଳାରେ ସୁଧାର ଅଣାଯିବାକୁ ଦାବି କରାଯାଇଛି। ଏହି କର୍ମୀ ସମ୍ମିଳନୀରେ ପାର୍ଟିର ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଣି, ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି, ଗଣମାଧମ ସଂଯୋଜକ ଅନିଲ ସେନାପତି, ଜିଲା କମିଟି ସଦସ୍ୟ ରବୀନ୍ଦ୍ର ସାହୁ ଏବଂ ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମା', ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଗୁରୁତ୍ୱ

ପୁରୀ,୪।୮(ଅଜିତ୍ କୁମାର ମହାନ୍ତି)

ମା', ଶିଶୁ ଓ କିଶୋରୀଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ପୋଷଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏହି ଆଧାରରେ ଏନ୍ଆଇସିଏସ୍ଆଇ ପ୍ରୋତ୍ସାହନରେ 'ଗ୍ରାମ୍ୟପ୍ରଭା' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଛି। ମା'ମାନଙ୍କ ପାଇଁ ପେଣ୍ଟକଟାସ୍ଥିତ ବିଜୁନଗର ଓ ଘୋଡ଼ାବଜାରରେ ୪ଦିନ ଧରି ଚାଲିଥିବା ଶିଶୁ ସ୍ୱାସ୍ଥ୍ୟ ଯତ୍ନ ସମ୍ପର୍କୀୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇସିଡିଏସ୍‌ର ଜିଲା ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ରମ ଯୋଗଦେଇ ମା'ମାନଙ୍କୁ ଶିଶୁ ସ୍ୱାସ୍ଥ୍ୟର ବିକାଶ ଦିଗରେ ନିଜ ଧ୍ୟାନ କେନ୍ଦ୍ରୀଭୂତ କରିବା ପାଇଁ ପରାମର୍ଶ ଦେଇଥିଲେ। ଉତ୍ତମ ପୁଷ୍ଟିକର ଖାଦ୍ୟ, ଛୁଆ ଜନ୍ମ ହେଲା ପରେ ୬ମାସ ବୟସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଦେବା, ଅର୍ଦ୍ଧକଠିନ ଖାଦ୍ୟ, ଅର୍ଣ୍ଣ ପ୍ରାସନ, ସମ୍ପୂର୍ଣ୍ଣ ଟିକାକରଣ, ଛୁଆକୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ଆଦି ବ୍ୟବସ୍ଥା କରିବା ପାଇଁ ସେ ମା'ମାନଙ୍କୁ ବୁଝାଇଥିଲେ। ଅନ୍ୟତମ ବକ୍ତା ଭାବେ ଆଇସିଡିଏସ୍ ମୁଖ୍ୟାଳୟ ସୁପରଭାଇଜର ବାଲ୍ୟବତୀ ମହାନ୍ତି ଯୋଗଦେଇଥିଲେ। ଶିଶୁକୁ ମା' କ୍ଷୀର ଖୁଆଇବା, ଶିଶୁ ସହ ଖେଳିବା ଓ କଥାବାର୍ତ୍ତା କରିବା ଫଳରେ ତା'ର ଶାରୀରିକ ଓ ମାନସିକ ବିକାଶ ହୋଇଥାଏ ବୋଲି କହିଥିଲେ। ସେହିପରି ମା'ମାନେ ସବୁ ପରିସ୍ଥିତିରେ ଶିଶୁକୁ ସ୍ତନ୍ୟପାନ କରାଇବା ଆବଶ୍ୟକ। ପରିଚ୍ଛନ୍ନତା ଓ ବିଶୁଦ୍ଧ ପାନୀୟଜଳ ଶିଶୁ ସ୍ୱାସ୍ଥ୍ୟ ପାଇଁ ନିହାତି ଆବଶ୍ୟକ। ସରକାରଙ୍କ ସଖି ୱାନ୍ ଷ୍ଟପ୍ ସେଣ୍ଟର୍‌ର କେସ୍ ୱାର୍କର ଇତିବାଳା ପ୍ରଧାନ ୱାନ ଷ୍ଟପ୍ ସେଣ୍ଟର୍‌ରେ ଉପଲବ୍ଧ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ନିର୍ଯାତିତା କିଶୋରୀ ବାଳିକା ଓ ମହିଳାଙ୍କ ପାଇଁ ଆଇନ ସହାୟତା, ଡାକ୍ତରୀ ସହାୟତା, ମନସ୍ତାତ୍ତ୍ୱିକ ସହଯୋଗ,ଆଶ୍ରୟ ଆଦି ସବୁ ସୁବିଧା ଉପଲବ୍ଧ ବୋଲି ସେ କହିଥିଲେ। ପାରିବାରିକ ହିଂସା, ଅପହରଣ, ଶିଶୁ ଯୌନ ଉତ୍ପୀଡ଼ନ, ସାଇବର କ୍ରାଇମ ଆଦି ଅପରାଧ ସମ୍ପର୍କରେ ବିବରଣୀ ଉପସ୍ଥାପନ କରି ମହିଳାମାନେ ସଖି ସେଣ୍ଟର୍ ସହାୟତା ନେବା ପାଇଁ କହିଥିଲେ। ସମାଜସେବୀ ରାଜାରାମ ଓ କ୍ରିଷ୍ଣା ରେଡ୍ଡୀ ସଭାକୁ ସମ୍ବୋଧିତ କରିଥିଲେ। ସଂସ୍ଥାର ସହକର୍ମୀ ଲଭଲି ଦାସଗୁପ୍ତା, ମମତା ମହାରଣା, ଉର୍ମିଳା ରେଡ୍ଡୀ, ପି. ପୁଷ୍ପା ପ୍ରମୁଖ ସହଯୋଗ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ସହ ଉପସ୍ଥିତ ମହିଳାମାନେ ।

## ସଂକ୍ଷେପରେ

### ହଂସପାଳ ଫ୍ଲାଏଓଭର ସେତୁ ଖୋଲିଲା

ବାଲିଅନ୍ତା,୪।୮ (ନୀଳମାଧବ ସାହୁ)

୧୬ନଂ. ଜାତୀୟ ରାଜପଥ ଭୁବନେଶ୍ୱର-କଟକ ରାସ୍ତାର ହଂସପାଳ ଛକସ୍ଥିତ ନୂତନ ଫ୍ଲାଏ ଓଭର ସେତୁର ଗୋଟିଏ ପଟ ସେତୁ ରବିବାର ଅପରାହ୍ନରେ କାର୍ଯ୍ୟକ୍ଷମ ହୋଇଛି। ଫଳରେ ବହୁ ପ୍ରତିକ୍ଷୀତ ଏହି ନୂଆ ସେତୁ ଉପରେ ବିଧିବଦ୍ଧ ଭାବରେ ଗାଡ଼ି ମଟର ଚଳାଚଳ କରିଛି। କଟକ ପଟୁ ଆସୁଥିବା ଗାଡ଼ି ମଟର ଏହି ନୂଆ ସେତୁ ଦେଇ ଭୁବନେଶ୍ୱର ଆଡ଼କୁ ଯାତାୟାତ କରିପାରିବ। ଗତ ଏକ ସପ୍ତାହ ହେଲା ପରୀକ୍ଷାମୂଳକ ଭାବେ ପ୍ରତ୍ୟେକ ୧ ଘଣ୍ଟା ଧରି ଗାଡ଼ିମଟର ଚଳାଚଳ ପାଇଁ ଛଡ଼ା ଯାଉଥିଲା। ତେବେ ଭୁବନେଶ୍ୱର ପଟୁ ଆସୁଥିବା ଗାଡ଼ି ମଟର କଟକ ପଟୁକୁ ଯିବା ପାଇଁ ଉଦ୍ଦିଷ୍ଟ ବାମ ପଟ ସେତୁଟି ନିର୍ମାଣଧୀନ ଅବସ୍ଥାରେ ରହିଛି। କଟକ ରାସ୍ତା ପଟ ସେତୁଟି ଖୋଲାଯିବ ପରେ ହଂସପାଳ ଗ୍ରାମ ଛକରେ ଟ୍ରାଫିକ ଜାମ ସମସ୍ୟା ଦୂର ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ବେଶି ଟ୍ରାଫିକ ଜାମ ସମସ୍ୟା ସୃଷ୍ଟି ହେଉଥିବା ଭୁବନେଶ୍ୱରରୁ କଟକ ରାସ୍ତାରେ ନିର୍ମାଣଧୀନ ଫ୍ଲାଏଓଭର ସେତୁ କାମ ଶୀଘ୍ର ସାରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ନୂତନ ସେତୁ ଉପରେ ଗାଡ଼ି ମଟର ଚଳାଚଳର ଶୁଭାରମ୍ଭ ଦିବସରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର ଉତ୍ତର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ସମେତ ଭୁବନେଶ୍ୱର ଉତ୍ତର ଉନ୍ନୟନ ପରିଷଦ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ସେଫ୍ ସିଟି ଡ୍ରାଇଭ୍: ଗୋଟିଏ ରାତିରେ ୬୯ ଗାଡ଼ି ଜବତ



ଭୁବନେଶ୍ୱର,୪।୮ (ସତ୍ୟଜିତ୍ ରାଉତ)

ରାଜଧାନୀରେ ଶନିବାର ରାତିରେ ସେଫ୍ ସିଟି ଡ୍ରାଇଭ୍ ଜରିଆରେ ୬୯ ଗାଡି ଜବତ ହୋଇଛି। ମଦ୍ୟପାନ କରି ଗାଡିଚଳାଇବା ଅଭିଯୋଗରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଜବତ ହୋଇଥିବା ଗାଡିଗୁଡିକ ମଧ୍ୟରେ ଦୁଇ ଚକିଆ ଓ ଚାରି ଚକିଆ ଯାନ ରହିଛି। ରାଜଧାନୀରେ କ୍ୟାପିଟାଲ ଥାନା, ଖାରବେଳନଗର, ଖଣ୍ଡଗିରି, ନୟାପଲ୍ଲୀ, ଏୟାରଫିଲ୍ଡ, ଶହୀଦନଗର, ଭରତପୁର, ବରଗଡ, ଏୟାରପୋର୍ଟ, ଇନ୍‌ଫୋସିଟି, ଲିଙ୍ଗରାଜ, ନନ୍ଦନକାନନ, ମଞ୍ଚେଶ୍ୱର, ଲକ୍ଷ୍ମୀସାଗର, ମୈତ୍ରୀ ବିହାର, ଚନ୍ଦ୍ରଶେଖରପୁର ଓ ଦୁଇଟି ଟ୍ରାଫିକ୍ ଥାନା ପକ୍ଷରୁ ସହରର ୨୦ଟି ସମ୍ବେଦନଶୀଳ ସ୍ଥାନରେ ଏହି ଯାଞ୍ଚ ହୋଇଥିଲା। ଏନେଇ ପ୍ରସିକ୍ୟୁଶନ ରିପୋର୍ଟ (ପିଆର୍) ଦିଆଯାଇଥିବା ବେଳେ କୋର୍ଟରେ ଜରିମାନା ଦେଇ ଚାଳକମାନେ ଗାଡି ମୁକୁଳାଇବେ ବୋଲି ସୂଚନା ଦିଆଯାଇଛି।

# ଜୈବିକ କୃଷି ମନୁଷ୍ୟ, ପ୍ରକୃତି ପାଇଁ ହିତକାରୀ

ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)

କୃଷି କ୍ଷେତ୍ରରେ ହୋଇଥିବା ବୈପ୍ଳବିକ ପରିବର୍ତ୍ତନ ବିସ୍ଫୋରିତ ଜନସଂଖ୍ୟାର ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ୧୯୬୦ ଦଶକରେ ଆମ ଦେଶରେ କୃଷି କ୍ଷେତ୍ରରେ ଆରମ୍ଭ ହୋଇଥିବା ସବୁଜ ବିପ୍ଳବ ଭାରତ ପରି ବିକାଶଶୀଳ ଦେଶଗୁଡିକରେ ପୁଷ୍ଟିହୀନତା ସମସ୍ୟାକୁ ସମାଧାନ କରିବା ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଏହି ପ୍ରକ୍ରିୟାରେ ପ୍ରଯୁକ୍ତି ବିଦ୍ୟାର ଜୈବ-ଇଞ୍ଜିନିୟରିଂ ପଦ୍ଧତିରେ ବିକଶିତ ଅଧିକ ଅମଳକ୍ଷମ ବିହନର ବ୍ୟବହାର ଜଡିତ ଥିଲା, ଯାହା ରାସାୟନିକ ସାର, କୀଟନାଶକ ଏବଂ ବର୍ଦ୍ଧିତ ଜଳସେଚନର ପ୍ରୟୋଗ ଦ୍ୱାରା କୃଷି ଉତ୍ପାଦନରେ ଅଭିବୃଦ୍ଧି ଘଟାଇଲା। ମାତ୍ର ଏହି ସବୁଜ ବିପ୍ଳବ ପ୍ରକ୍ରିୟାରେ ପରିବେଶ ନକାରାତ୍ମକ ଭାବରେ ପ୍ରଭାବିତ ହୋଇଥିବା ଏବେ ହୃଦୟଙ୍ଗମ କରାଯାଉଛି। ତେଣୁ ଜୈବିକ କୃଷି ସାମଗ୍ରୀର ଚାହିଦା କ୍ରମଶଃ ବିଶ୍ୱ ବଜାରରେ ବୃଦ୍ଧି ପାଇବାରେ ଲାଗିଛି। ଏହା ଉଭୟ ମନୁଷ୍ୟ ଓ ପ୍ରକୃତି ନିମନ୍ତେ ହିତକାରୀ ବୋଲି ରବିବାର ଓଡିଶା ପରିବେଶ ସମିତି ପକ୍ଷରୁ 'ଜୈବିକ କୃଷି-ଭବିଷ୍ୟତର ମାର୍ଗ' ଶୀର୍ଷକ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି।

ସମିତି ସଭାପତି ଡ. ସୁନ୍ଦର ନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା କୃଷି ବିଶ୍ୱବିଦ୍ୟାଳୟ ବନ ବିଜ୍ଞାନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ବାମାଶଙ୍କର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ କହିଲେ, ଜୈବିକ କୃଷି ଉତ୍ପାଦନର ସ୍ଥିରତା ରକ୍ଷା କରିବା ସହ ମୃତ୍ତିକାର ଜୈବିକ ସରଞ୍ଚନା ସୁରକ୍ଷିତ ରଖେ। ପ୍ରଦୂଷଣ ଦୂର କରିବା ସହ ପ୍ରାକୃତିକ ଉପାୟରେ କୀଟ ନିୟନ୍ତ୍ରଣ କରେ ଏବଂ କୃଷି ଉତ୍ପାଦନ ମୂଲ୍ୟରେ ହ୍ରାସ ଘଟାଏ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ ଜୈବିକ କୃଷିର ଅବଲମ୍ବନ ଉଭୟ ମାନବଜାତି ଏବଂ ପ୍ରକୃତି ନିମନ୍ତେ ହିତକାରୀ ସାବ୍ୟସ୍ତ ହେବ ବୋଲି କହିଥିଲେ। ଉପସଭାପତି ଡ. ଲାଲା ଏକେ ସିଂହ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୂର୍ବତନ ପିସିସିଏଫ୍ ଡ. ବିଜୟ କେତନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନୀ ଏକାଦଶୀ ନନ୍ଦୀ, ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ଡ. ଦିଲୀପ ରାୟ, ଡ. ସୁଧାକର କର, ଡ. ହେମନ୍ତ କୁମାର ମିଶ୍ର ପ୍ରମୁଖ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।



ବନ୍ଧୁତା ଦିବସରେ ରବିବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ପୁରୁଣା ଭୁବନେଶ୍ୱରରେ ବର ଅଶ୍ୱତ୍ଥ ଚାରା ରୋପଣ କରିବା ସହ ଗଛ ସହ ବନ୍ଧୁତା ସ୍ଥାପନ ପାଇଁ ଆହ୍ୱାନ ଦେଉଛନ୍ତି।

# ଏଆଇବିଓସି ପକ୍ଷରୁ ମେଗା ଚାରାରୋପଣ



ଭୁବନେଶ୍ୱର,୪।୮ (ଅଭୟ ଦାସ)

ଅଖିଳ ଭାରତୀୟ ବ୍ୟାଙ୍କ ଅଧିକାରୀ ସଂଘ ବା ଏଆଇବିଓସିର ଓଡ଼ିଶା ଶାଖା ପକ୍ଷରୁ ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଭୁବନେଶ୍ୱରର ନନ୍ଦନକାନନ ଉଚ୍ଚବିଦ୍ୟାଳୟ ପ ରିସରରେ ଅନୁଷ୍ଠିତ ହୋଇଯାଇଛି। ଏଆଇବିଓସିର ରାଜ୍ୟ ସଭାପତି ତ୍ରୈଲୋଚନ ସାହୁ, ସମ୍ପାଦକ ଅମିତାଭ ଦାସ, ସର୍ବଭାରତୀୟସ୍ତରର ଉପ-ସଭାପତି ଅରୁଣ କୁମାର ବିଷୋୟୀ ଏବଂ ସହ-ବନ୍ଦିତ ସାଧାରଣ ସମ୍ପାଦକ ଗୌରୀ ଶଙ୍କର ଚୌଧୁରୀ, ପି. କେ. ମହାନ୍ତି , ସମ୍ବିତ ରାଉତ, ସୌମେନ୍ଦ୍ର ସାହୁ ଏବଂ ସୁକାନ୍ତ ଛାଟୋଇଙ୍କ ସମେତ ଇସି ସଦସ୍ୟମାନେ ଯୋଗଦେଇଥିଲେ। ବିଭିନ୍ନ କିସମର ୫୦ରୁ ଅଧିକ ଚାରାଗଛ ରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହାୟତା ପ୍ରଦାନ ସହ ଆୟୋଜକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଦିନରେ ବଦଳିବ ପାଗ

ଭୁବନେଶ୍ୱର,୪।୮ (ଅନୁରାଧା ମହାରଣା)

ବଙ୍ଗୋପସାଗରରେ ଲଘୁଚାପର ଉପସ୍ଥିତି ସତ୍ତ୍ୱେ ଦୁଇଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ଶୁଖିଲା ରହିଛି। ରବିବାର ପ୍ରବଳ ଖରା ସହ ଗୁଳୁଗୁଳି ହୋଇଛି। ହେଲେ ଆସନ୍ତା ୨ଦିନରେ ପାଗ ବଦଳିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ୬ ଓ ୭ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ କେତେ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହୋଇପାରେ। ତେଣୁ ସମ୍ପୃକ୍ତ ଜିଲାଗୁଡିକୁ ସତର୍କ କରିଛି ପାଣିପାଗ କେନ୍ଦ୍ର। ୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼ ଓ ପୁରୀ ଜିଲାରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ) ବର୍ଷା ହୋଇପାରେ।

ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲାରେ ବ୍ରଜପାତ ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ସେଥିପାଇଁ ଏସବୁ ଜିଲାକୁ ୟଲୋ ୱାର୍ନିଂ ଜାରି କରାଯାଇଛି।

୭ ତାରିଖରେ ଦେବଗଡ଼, ସମ୍ବଲପୁର, ଅନୁଗୋଳ, ବୌଦ୍ଧ, ଢେଙ୍କାନାଳ ଓ କଟକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା (୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ) ହୋଇପାରେ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ) ହେବାର ସମ୍ଭାବନା ରହିଛି। ଏନେଇ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୮ ତାରିଖରେ କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ବ୍ଲକିଂ ବେଳେ ଧକ୍କା ଦେଲା କାର୍, କନ୍‌ଷ୍ଟେବଲ ଗୁରୁତର: ୪ ଗିରଫ



ଭୁବନେଶ୍ୱର,୪।୮ (ସତ୍ୟଜିତ୍ ରାଉତ)

ପୋଲିସ ବ୍ଲକିଂ ବେଳେ ଆଇନ ଉଲ୍ଲଂଘନକାରୀ ଦ୍ରୁତ ଗତିରେ କାର୍ ଚଳାଇ ଦୁର୍ଘଟଣା ଘଟାଇଛନ୍ତି। କାର୍ ଧକ୍କାରେ ଜଣେ ଟ୍ରାଫିକ କନ୍‌ଷ୍ଟେବଲ ଗୁରୁତର ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଗୁରୁତର ଆହତ ହୋଇଥିବା କନ୍‌ଷ୍ଟେବଲ ହେଲେ ଟ୍ରାଫିକ୍-୨ ଥାନାରେ କାର୍ଯ୍ୟରତ ଦୀପକ ଭଞ୍ଜ। ଏହି ଘଟଣାରେ ଚନ୍ଦ୍ରଶେଖରପୁର ଥାନା ପୋଲିସ କାର୍‌କୁ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦ୍ରାପଡା ଜିଲା ନିକିରେଇ ଥାନା ଅଞ୍ଚଳର ମୋତିଲାଲ ସାମଲ (୨୪), ମନୀଷ କୁମାର ଓଝା (୨୧), ତନ୍ମୟ ତତ୍ତ୍ୱ ସାରଥି ନାୟକ (୨୪) ଓ ମୃତ୍ୟୁଞ୍ଜୟ ସାମଲ (୨୬)। ରବିବାର କୋର୍ଟଚାଲାଣ ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ଚନ୍ଦ୍ରଶେଖରପୁର ଥାନା ଓ ଟ୍ରାଫିକ ଥାନା-୨ର ମିଳିତ ଟିମ୍ କେୟାର ହସ୍ପିଟାଲ ନିକଟ ନନ୍ଦନକାନନ ରୋଡ୍‌ରେ ରାତ୍ରିକାଳୀନ ବ୍ଲକିଂ ଓ ଚେକିଂ କରୁଥିଲେ। ଅଭିଯୁକ୍ତମାନେ ଦ୍ରୁତ ଗତିରେ ବିପଜ୍ଜନକ ଭାବେ କାର୍ ଚଳାଇ ନାଲ୍‌କୋ ଛକରୁ ଡମଣା ଛକ ଅଭିମୁଖେ ଆସୁଥିଲେ। ପୋଲିସ କର୍ମଚାରୀମାନେ ଉକ୍ତ କାରକୁ ଅଟକାଇବା ଲାଗି ଚେଷ୍ଟା କରିଥିଲେ। ହେଲେ ଅଭିଯୁକ୍ତ ଚାଳକ କାରର ଗତି ବଢାଇ ସେଠାରେ ଲାଗିଥିବା ବ୍ୟାରିକେଡ ଭାଙ୍ଗିବା ସହ କନ୍‌ଷ୍ଟେବଲ ଦୀପକଙ୍କୁ ଜୋରରେ ଧକ୍କା ଦେଇ ପଳାଇ ଯାଇଥିଲେ। ଘଟଣାସ୍ଥଳରେ ଛିଟିକି ପଡି ଦୀପକ ଗୁରୁତର ହୋଇଥିଲେ। ସେଠାରୁ ତାଙ୍କୁ କଳିଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ପୋଲିସ ଟିମ୍ ଉକ୍ତ କାରକୁ କିଛିବାଟ ପିଛା କରିବା ପରେ କାବୁ କରିଥିଲା। ଏହି ଘଟଣାକୁ କେନ୍ଦ୍ରକରି ଚନ୍ଦ୍ରଶେଖରପୁର ଥାନା ପକ୍ଷରୁ (ନ. ୬୨୭/୨୦୨୪) ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ପ୍ରକଳ୍ପ ସହ ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୪।୮

ନୀଳାଦ୍ରିବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ସ୍କୁଲ ପରିଚାଳନା ସମିତିର ଉପସଭାପତି ପଙ୍କଜ କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜ୍ଞାନ ବିଜ୍ଞାନ ମେଳାରେ ପ୍ରାୟ ୩୮୫ଜଣ ଶିଶୁ ବୈଜ୍ଞାନିକ ନିଜ ପ୍ରକଳ୍ପ ପ୍ରଦର୍ଶନ କରିଥିବାବେଳେ ମୋଟ ୬୭୦ ଶିଶୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବେଗୁନିଆ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ଦିଲୀପ କୁମାର ମିଶ୍ର ଯୋଗଦେଇ ଭବିଷ୍ୟତରେ ଜଣେ ଜଣେ ସଫଳ ବୈଜ୍ଞାନିକ ହୋଇ ଦେଶାମାତୃକାର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଶିଶୁ ବୈଜ୍ଞାନିଙ୍କୁ ପରାମର୍ଶ ଦେଇଥିଲେ। ବିଜ୍ଞାନ ପ୍ରକଳ୍ପ ବ୍ୟତୀତ ବିଜ୍ଞାନ ପ୍ରଶ୍ନମଞ୍ଚ, ବୈଦିକଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପତ୍ରବାଚନ, ନୃତ୍ୟକଳା, ମୂର୍ତ୍ତିକଳା, ସଙ୍ଗୀତ କଳା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଜ୍ଞାନ ପ୍ରକଳ୍ପ ସହ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜ୍ଞାନ ବିଜ୍ଞାନ ମେଳାର ପ୍ରମୁଖ ଦିଲୀପ କୁମାର ପ୍ରଧାନ ବିଜ୍ଞାନ ମେଳାର ବିବରଣୀ ପାଠ କରିଥିବାବେଳେ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନେତ୍ରାନନ୍ଦ ଜେନା ଅତିଥି ପରିଚୟ ପ୍ରଦାନ କରିଥଲେ।



ପିଲାମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

### ୯ରେ ରାଜ୍ୟସ୍ତରୀୟ କ୍ରାନ୍ତି ଦିବସ

ଭୁବନେଶ୍ୱର,୪।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଆସନ୍ତ ୯ ତାରିଖରେ ଭାରତ ଛାଡ଼ ଆନ୍ଦୋଳନ ଦିବସ ବା କ୍ରାନ୍ତି ଦିବସ ସମାରୋହ ରାଜ୍ୟସ୍ତରରେ ପାଳନ କରାଯିବ। ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସକାଳ ୯ଟାରେ ଜାତୀୟ ପତାକା ଉତ୍ତୋଳନ ସହ ଶହୀଦ ସ୍ମାରକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦଙ୍କ ମାଟିର ଦାୟାଦ ଯୋଗଦେବେ। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ପରିଷଦର ବହୁ ସଦସ୍ୟ, ଏମ୍‌ପି ଓ ବିଧାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସମିତି ପକ୍ଷରୁ କୁହାଯାଇଛି।

# କାର୍ ଡୋର୍ ଭାଙ୍ଗି ଚୋରି, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୪।୮ (ସତ୍ୟଜିତ୍ ରାଉତ)

କାର୍ ଡୋର ଭାଙ୍ଗି ଚୋରି କରିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ବଡ଼ଗଡ଼ ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳରେ ରହୁଥିବା ସୋନପୁର ଜିଲାର କୃଷ୍ଣଚନ୍ଦ୍ର ଦାଶ ଓରଫ ମଣ୍ଟି (୨୮)। ତାଙ୍କଠାରୁ ଗୋଟିଏ ଆପଲ ଆଇପଡ, ଗୋଟିଏ ସୋନି ମ୍ୟୁଜିକ ସିଷ୍ଟମ ଏବଂ ଏକ ପେନ୍‌ଡ୍ରାଇଭ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶନିବାର ରାତି ପ୍ରାୟ ୧୦ଟାରେ ଅଭିଯୋଗକାରିଣୀ ବରୁଣ କୁମାର କଲ୍‌ଟା ନିଜ କାର୍‌କୁ ବିଜେବି କଲେଜ ପାଖ ଏସ୍‌ବିଆଇ ଲେନ୍‌ରେ ପାର୍କିଂ କରି ବନ୍ଧୁଙ୍କ ସହ ନିକଟରେ ଥିବା ଏକ ମଲ୍‌କୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ମଣ୍ଟି କାର୍‌ରୁ ସାମଗ୍ରୀ ସବୁ ଚୋରି କରିଥିଲେ। ତେବେ ବରୁଣ ଶପିଙ୍ଗ୍ ସାରି ଫେରିବା ପରେ ଏହାଦେଖି ପାଟି କରିଥିଲେ। ଅଭିଯୁକ୍ତ ମଣ୍ଟି ଘଟଣା ସ୍ଥଳରୁ ଖସି ପଳାଇବା ଲାଗି ଦୌଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୋଡ଼ାଇ କାବୁ କରିଥିଲେ। ପରେ ଅଭିଯୁକ୍ତଙ୍କୁ ବରୁଣ ପୋଲିସ ଜିମା ଦେବା ସହ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୩୬/୨୦୨୪) ରୁଜୁ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



କୃଷ୍ଣଚନ୍ଦ୍ର ଦାଶ

# ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନରେ ଗାୟତ୍ରୀ ଯଜ୍ଞ



ଭୁବନେଶ୍ୱର, ୪।୮ (ବନ୍ଦନା ସେଠୀ)

ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନରେ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ଯଜ୍ଞରେ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଶିକ୍ଷା ନିକେତନରେ ପଢୁଥିବା କଏଦୀଙ୍କ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ପୂର୍ବତନ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପିଲାମାନଙ୍କୁ ପୁସ୍ତକ ଏବଂ ମିଷ୍ଟାନ ପ୍ରଦାନ କରିବା ସହିତ ସେମାନଙ୍କର ଶୁଭକାମନା କରିଥିଲେ। ଯଜ୍ଞରେ ପିଲାମାନଙ୍କ ଅଭିଭାବକ ଏବଂ ସମିତିର ଆଇନ ପରାମର୍ଶଦାତା ପ୍ରଭାତ କୁମାର ପଣ୍ଡା ଯୋଗଦେଇଥିଲେ। ଓଡିଶା ପତିତ ଉଦ୍ଧାର ସମିତିର ସମ୍ପାଦକ ଆଭାରାଣୀ ଚୌଧୁରୀ ଯଜ୍ଞ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ଶିକ୍ଷା ନିକେତନ ୨୦୦୩ରୁ ଓଡିଶା ପତିତ ଉଦ୍ଧାର ସମିତି ଦ୍ୱାରା ପରିଚାଳିତ ହୋଇଆସୁଛି। ଏଠାରେ ଅଜୀବନ କାରାଦଣ୍ଡ ଭୋଗୁଥିବା କଏଦୀଙ୍କ ପିଲାମାନେ ରହି ପାଠ ପଢୁଛନ୍ତି। ଏବେ ସେଠାରେ ୪୭ଜଣ ପିଲା ରହି ଶିକ୍ଷା ଲାଭ କରୁଛନ୍ତି। ଜେଲ୍ ଭିତରେ ମା', ବାପା କିମ୍ବା ଉଭୟ ସଜା କାଟୁଥିବାବେଳେ ପିଲାମାନଙ୍କ ଭବିଷ୍ୟତକୁ ସଜାଡିବାର ଦାୟିତ୍ୱ ନେଇଛି ଏହି ଶିକ୍ଷା ନିକେତନ।

# ଦାରୁଦିଅଁଙ୍କ ଦର୍ଶନ ପାଇଁ ପ୍ରବଳ ଗହଳି

## ଦୀର୍ଘ ସମୟ ଧାଡ଼ିରେ ଠିଆହୋଇ ଖରାରେ ସିଝିଲେ ଭକ୍ତ

ପୁରୀ,୪।୮ (ଅଜିତ୍ କୁମାର ମହାନ୍ତି)

ଚିତାଲାଗି ଅମାବାସ୍ୟା ଅବସରରେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହୋଇଛି। ଦାରୁଦିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଦୋଳବେଦି କୋଣଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଦୁଇଟି ଲମ୍ବାଧାଡ଼ି ଲାଗିଥିଲା। ଭକ୍ତମାନେ ଚାରିଦ୍ୱାର ଦେଇ ପ୍ରବେଶ କରିଥିଲେ। ତେବେ ପ୍ରବଳ ଗହଳି ଯୋଗୁ କେତେଜଣ ଭକ୍ତ ଅଣନିଃଶ୍ୱାସୀ ଅନୁଭବ କରିଥିବାବେଳେ ଆଉ କେତେଜଣ ଅଚେତ ହୋଇପଡ଼ିଥିଲେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବାହ୍ନରେ ମହାପ୍ରଭୁଙ୍କ ମହାସ୍ନାନ ହେବା କାରଣରୁ କିଛି ସମୟ ପାଇଁ ଦର୍ଶନ ବନ୍ଦ ରହିଥିଲା। ସେହିପରି ଚିତାଲାଗି ନୀତି ଥିବାରୁ ସର୍ବସାଧାରଣ ଦର୍ଶନ ୪ଘଣ୍ଟା ବନ୍ଦ ରହିଥିଲା। ଖରାରେ ଭକ୍ତମାନେ ଦୀର୍ଘ ସମୟ ଧରି ଧାଡ଼ିବାନ୍ଧି ଠିଆହୋଇ ରହିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାରେ ପ୍ରଶାସନ ଫେଲ ମାରିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ବର୍ତ୍ତମାନ ଶ୍ରୀମନ୍ଦିରକୁ ପ୍ରବେଶ କରିବା ନିମନ୍ତେ ଚାରିଦ୍ୱାର ଖୋଲାଯାଇଥିଲେ ମଧ ପ୍ରାୟ ପ୍ରତିଦିନ ବିଶେଷକରି ଛୁଟିଦିନ ଓ ପର୍ବପର୍ବାଣି ସମୟରେ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହେଉଛି। ଦର୍ଶନ ସମୟରେ ଭକ୍ତ ସମସ୍ୟା ଭୋଗୁଛନ୍ତି। ସେହିଭଳି ବଡ଼ମହାସ୍ନାନ ତଥା ଅନ୍ୟାନ୍ୟ ନୀତି ସମୟରେ ଦର୍ଶନ ବନ୍ଦ ରହୁଛି। ମାତ୍ର ସେହି ସମୟରେ ଶ୍ରୀମନ୍ଦିରରେ ଭକ୍ତମାନେ ପ୍ରବେଶ କରୁଛନ୍ତି, ଫଳରେ ଭିତରବେଢ଼ାରେ ଗହଳି ପରିସ୍ଥିତି ସୃଷ୍ଟି ହେଉଛି। ଏହାକୁ ଶ୍ରୀମନ୍ଦିର ପ୍ରଶାସନ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ବାହାରେ କେତେଜଣ ବ୍ୟବସାୟୀ ଏହା ଫାଇଦା ଉଠାଉଛନ୍ତି। ପାଣି ବୋତଲ ଓ ଥଣ୍ଡା ପାନୀୟ ଅଧିକ ମୂଲ୍ୟରେ ବିକ୍ରି କରୁଛନ୍ତି। ବାଧ୍ୟହୋଇ ଭକ୍ତମାନେ ଅଧିକ ମୂଲ୍ୟ ଦେଇ ପାଣି ଓ ଥଣ୍ଡାପାନୀୟ କିଣି ପିଉଛନ୍ତି। ଅପରପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନ ବ୍ୟବସ୍ଥା ଓ ନୀତିକୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ମହାପ୍ରଭୁଙ୍କ ନୀତି ଯେପରି ଶୃଙ୍ଖଳିତ ହେବ ସେ ନେଇ ମୁଖ୍ୟ ପ୍ରଶାସନ ବିଭିନ୍ନ ନିଯୋଗ ସହ ଆଲୋଚନା କରିଛନ୍ତି। ତେଣୁ ଆଗାମୀ ଦିନରେ ନୀତିରେ ଶୃଙ୍ଖଳା ଆସିବ ବୋଲି ଆଶା କରାଯାଉଛି। ସେହିପରି ଶୃଙ୍ଖଳିତ ଦର୍ଶନ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।



## ଟାଙ୍ଗୀରେ ଆଜି ବିଧାୟକଙ୍କ ଅଭିଯୋଗ ଶୁଣାଣି

ଟାଙ୍ଗୀ ଖୋର୍ଦ୍ଧା,(ରଘୁନାଥ ସାହୁ): ପ୍ରଥମ ଥର ପାଇଁ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଟାଙ୍ଗୀ ପଞ୍ଚାୟତ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ସୋମବାର ଆରମ୍ଭ କରିବେ। ନିର୍ବାଚନ ସମୟରେ ଟାଙ୍ଗୀ ବ୍ଲକ ଅଞ୍ଚଳବାସୀଙ୍କୁ ଜନ ଅଭିଯୋଗ ଶୁଣାଣି ଶିବିର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତି ମାସର କେଉଁ ଦିନ କିମ୍ବା ତାରିଖରେ ଅଭିଯୋଗ ଶୁଣାଣି କରାଯିବ, ତାହା ସ୍ଥିର କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କ୍ରିକେଟ ବ୍ୟାଟ୍ ବାଜି ନାବାଳକ ଗୁରୁତର

ଟାଙ୍ଗୀ ଖୋର୍ଦ୍ଧା,୪।୮(ରଘୁନାଥ ସାହୁ) ସାଥୀମାନଙ୍କ ସହ କ୍ରିକେଟ୍ ଖେଳୁଥିବାବେଳେ କ୍ରିକେଟ ବ୍ୟାଟ୍ ବାଜି ଜଣେ ନାବାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ନାବାଳକ ଜଣଙ୍କ ହେଲେ ଟାଙ୍ଗୀ ଥାନା ଅଧୀନ ବାଲିପାଟପୁର ଗ୍ରାମର ନଗର ବେହେରା (୧୧ ବର୍ଷ)। ରବିବାର ସ୍କୁଲ ଛୁଟି ଥିବାରୁ ସେ ସାଙ୍ଗସାଥୀଙ୍କ ସହ କ୍ରିକେଟ୍ ଖେଳିବାକୁ ଯାଇଥିଲେ। ଖେଳବେଳେ ସାଥୀ ଖେଳାଳିଙ୍କ ବ୍ୟାଟ ନଗରଙ୍କ କାନମୁଣ୍ଡାରେ ବାଜିଥିଲା। ତାଙ୍କ କାନରୁ ରକ୍ତସ୍ରାବ ହେବା ସହ ସେ ଅଚେତ ହୋଇଯାଇଥିଲା। ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

### ୩୫ ମୌଜାର ନୂତନ କର୍ମକର୍ତ୍ତା ଚୟନ

କୃଷ୍ଣପ୍ରସାଦ,୪।୮(କୈଳାସ ଚନ୍ଦ୍ର ପଟ୍ଟନାୟକ) କୃଷ୍ଣପ୍ରସାଦ ବ୍ଲକ ଟିଟିପ ପଞ୍ଚାୟତ ଦେଉଳପଡ଼ାସ୍ଥିତ ଶ୍ରୀକମଳେଶ୍ୱର ଦେବଙ୍କ ପୀଠରେ ହେଉଥିବା ଦ୍ୱିତୀୟ ବାଲିଯାତ୍ରା(ପଣାଯାତ୍ରା) ଓଡ଼ିଶାର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ୧୫ ଦିନ ଧରି ଏହି ଯାତ୍ରାରେ ବିଭିନ୍ନ ଜିଲାରୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଏହି ପଣାଯାତ୍ରା ପାଇଁ ପ୍ରତି ୨ ବର୍ଷରେ ଥରେ କର୍ମକର୍ତ୍ତା ଚୟନ ହୋଇଥାନ୍ତି। ଚଳିତବର୍ଷ ଏହି ପ୍ରକ୍ରିୟା ଶେଷ ହୋଇଛି। ଶ୍ରୀକମଳେଶ୍ୱର ଦେବ ୩୫ ମୌଜା ପରିଚାଳନା କମିଟିର ୧୪୭ ଜଣ ସଦସ୍ୟଙ୍କୁ ନେଇ ରବିବାର ଏହି ଚୟନ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଟିଟିପ ଗ୍ରାମର ବୁଦ୍ଧିଜୀବୀ ସୁରେନ୍ଦ୍ର ନାଥ ମାଝୀ ଏବଂ ସମ୍ପାଦକ ଭାବେ ବାଲି ଜଗନ୍ନାଥପୁର ଗ୍ରାମର ଶିକ୍ଷାବିତ୍ ଦିଲୀପ ଦାଶଙ୍କୁ ଚୟନ କରାଯାଇଥିଲା। ନୂତନ ଭାବେ ମନୋନୀତ ହୋଇଥିବା କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର ସହ ଶପଥ ପାଠ ମଧ୍ୟ କରାଯାଇଛି।

### ୨ ଦିନରେ ବଦଳିବ ପାଗ

ଭୁବନେଶ୍ୱର,୪।୮ (ଅନୁରାଧା ମହାରଣା) ବଙ୍ଗୋପସାଗରରେ ଲଘୁଚାପର ଉପସ୍ଥିତି ସତ୍ତ୍ୱେ ଦୁଇଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ ଶୁଖିଲା ରହିଛି। ରବିବାର ପ୍ରବଳ ଖରା ସହ ଗୁଳୁଗୁଳି ହୋଇଛି। ହେଲେ ଆସନ୍ତା ୨ଦିନରେ ପାଗ ବଦଳିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ୬ ଓ ୭ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ କେତେ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହୋଇପାରେ। ତେଣୁ ସମ୍ପୃକ୍ତ ଜିଲାଗୁଡିକୁ ସତର୍କ କରିଛି ପାଣିପାଗ କେନ୍ଦ୍ର। ୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ନୟାଗଡ଼ ଓ ପୁରୀ ଜିଲାରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ) ବର୍ଷା ହୋଇପାରେ। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ ଗଜପତି ଜିଲାରେ ବ୍ରଜପାତ ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି।

# ପରିଚୟ ଖୋଜୁଛି ଐତିହ୍ୟ ଖୋର୍ଦ୍ଧାଗଡ଼

## ପୁନରୁଦ୍ଧାର ସହ କୀର୍ତ୍ତିରାଜି ସଂରକ୍ଷଣ ଦାବି



ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଆ ଜାତିର ଗରିମାମୟ ଐତିହ୍ୟକୁ ନିଜ ବକ୍ଷରେ ଜାବୁଡ଼ି ଧରି ଦଣ୍ଡାୟମାନ ରହିଛି ଖୋର୍ଦ୍ଧାଗଡ଼। ଅତୀତର ସ୍ମୃତିକୁ ସାଉଁଟି ରଖିଥିବା ଏହି ଗଡ଼ ଏବେ ଭଗ୍ନ ଅବସ୍ଥାରେ ରହିଛି। ଯେଉଁଠାରୁ ଦିନେ ପାଇକ ବୀରମାନେ ଇଂରେଜଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ, ସେହି ଗଡ଼ ଆଜି ନିଜ ପରିଚୟ ଖୋଜୁଛି। ସ୍ୱାଧୀନତା କଥା ମନେପଡ଼ିଲେ ଏହି ମାଟିର ଗୌରବମୟ ଗାଥା ମନରେ ଶିହରଣ ସୃଷ୍ଟି କରିଥାଏ। ମାତୃଭୂମିକୁ ଇଂରେଜଙ୍କ ହାତରୁ ମୁକ୍ତ କରିବା ପାଇଁ ପାଇକ ବୀରମାନେ ନିଜ ଜୀବନ ଉତ୍ସର୍ଗ କରିଦେଇଥିଲେ। ପାଇକଙ୍କ ଅସୀମ ବୀରତ୍ୱ ଓ ବଳିଦାନ ପାଇଁ ଏହି ମାଟି ଗର୍ବ କରେ। ତେବେ ପାଇକଙ୍କ ଅନୁଡ଼ିଶାଳ ଥିବା ଖୋର୍ଦ୍ଧାଗଡ଼ ତଥା ଲାଲମାଟିର ଗଡ଼ ଏବେ ଲୁପ୍ତ ହେବାକୁ ବସିଛି।

ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଏକବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଗଲା। ସେହିପରି ଗଡ଼ର ପୁନରୁଦ୍ଧାର ପାଇଁ ଯୋଜନା ହେଲା। ପରେ କିନ୍ତୁ ଯୋଜନା ଆଗେଇଲାନାହିଁ। ଏହି ଗଡ଼ ଚାରିଆଡେ ଅନାବନା ଗଛଲତା ମାଡ଼ିଗଲାଣି। ଭାରତବର୍ଷର ଶେଷ ସ୍ୱାଧୀନ ଦୁର୍ଗ ଭାବେ ଏହି ଗଡ଼ ପରିଚିତ। ତେବେ ଖୋର୍ଦ୍ଧାଗଡ଼ର ବିକାଶକୁ ଅଣଦେଖା କରାଯାଉଛି। ଏପରିକି ସ୍ଥାନୀୟ ଜିଲା ପ୍ରଶାସନର ଅବହେଳା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ଗଡ଼ର ପୁନରୁଦ୍ଧାର ହୋଇପାରୁ ନ ଥିବା ବୁଦ୍ଧିଜୀବୀ ଓ ଗବେଷକମାନେ ମତ ଦିଅନ୍ତି। ଏହି ଗଡ଼ର ପୁନରୁଦ୍ଧାର ହେଲେ ଦେଶରେ ଏହାର ଗୌରବ ବଢ଼ିବ। ଗଡ଼ର ଐତିହ୍ୟ ଏବଂ ପାଇକ ବୀରଙ୍କ ସମ୍ପର୍କରେ ସମସ୍ତେ ଜାଣିବାକୁ ପାଇବେ। ଏହି ଗଡ଼ରେ ବହୁ ଐତିହ୍ୟ କୀର୍ତ୍ତିରାଜି କାଳଖଣ୍ଡରେ ବିଲୁପ୍ତ ଅବସ୍ଥାରେ ରହିଛି। ଗଡ଼ ପୁନରୁଦ୍ଧାର କରାଗଲେ ରାଣୀ ପୋଖରୀ ସମେତ ବହୁ କୀର୍ତ୍ତିରାଜି ସଂରକ୍ଷଣ ହୋଇପାରିବ। ଏହାର ପୁନରୁଦ୍ଧାର ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଗବେଷକ ଗୋପାଳକୃଷ୍ଣ ଦାସଙ୍କ ମତରେ ୧୫୬୮ ମସିହାରେ ଗଜପତି ମୁକୁନ୍ଦଦେବ ନିହତ ହେବା ପରେ ରାଜ୍ୟରେ ଅରାଜକତା ସୃଷ୍ଟି ହୋଇଥିଲା। କଳାପାହାଡ଼ ଉତ୍କଳରେ ଧ୍ୱଂସ ତାଣ୍ଡବ ରଚିବା ଆରମ୍ଭ କରିଥିଲେ। ଅନେକ ମଠ, ମନ୍ଦିର ଧ୍ୱଂସ ପାଇଲା। ରମେଇ ରାଉତରାୟ ବରୁଣେଇ ପାଦଦେଶରେ ଜଗନ୍ନାଥପୁର-କଟକ ନାମରେ ୧୫୬୮ରେ ଏକ ନୂତନ ଗଡ଼ ନିର୍ମାଣ କରିଥିଲେ। ସେ ଗଜପତି ରାମଚନ୍ଦ୍ର ଦେବ ରୂପେ ପରିଚିତ ହେଲେ। ଗଡ଼ର ପୂର୍ବ ଦିଗରେ ଥିବା ବର୍ତ୍ତମାନର ବଡ଼ତୋଟା ହାଇସ୍କୁଲ ରାଜାଙ୍କ ଅସ୍ତ୍ରାଗାର ବୋଲି ଅନୁମାନ କରାଯାଉଥିବା ଐତିହାସିକମାନେ କୁହନ୍ତି। ଗଡ଼ ମଧ୍ୟରେ ୧୫ ଏକର ପରିମିତ ସ୍ଥାନରେ ରାଣୀ ପୋଖରୀ ରହିଛି। ଏଥିସହିତ ଗଡ଼ ମଧ୍ୟରେ ହନ୍ତେଶ୍ୱରୀ ମନ୍ଦିର ରହିଥିଲା, ଯାହା ଧ୍ୱଂସାଭିମୁଖୀ ଅବସ୍ଥାରେ ରହିଛି। ୧୯୭୮ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଖୋର୍ଦ୍ଧା ଦୁର୍ଗର ଉନ୍ନତି କାର୍ଯ୍ୟ ହାତକୁ ନେଇଥିଲେ। ବିଭିନ୍ନ ସମୟରେ ଏହାର ପୁନରୁଦ୍ଧାର ଲାଗି ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରାଯାଇଛି। ତେବେ ଆଶାନୁରୂପ ବିକାଶ ହୋଇପାରିନାହିଁ। ଏହି ଗଡ଼ ଜରାଜୀର୍ଣ୍ଣ ହୋଇପଡ଼ିଥିବା କାରଣରୁ ଏଠାରେ ଆଜି ପର୍ଯ୍ୟନ୍ତ କୌଣସି ପର୍ଯ୍ୟଟକଙ୍କ ପାଦ ପଡ଼ିପାରି ନଥିବା ଜଣାପଡିଛି। ସରକାରଙ୍କ ଉଦାସୀନାତା ଯୋଗୁ ଏହି ଗଡ଼ ଲୁପ୍ତ ହେବାକୁ ବସିଛି। ନିଜ ଅସ୍ତିତ୍ୱକୁ ନେଇ ଏହି ଗଡ଼ ସଂଘର୍ଷ କରୁଛି।

# ସୁଲଭ ମୂଲ୍ୟରେ ଡଙ୍ଗାରେ ଯିବେ ଯାତ୍ରୀ

## ବିଡିଓଙ୍କ ହସ୍ତକ୍ଷେପ ପରେ ସମସ୍ୟା ସମାଧାନ ହେଲା

କୃଷ୍ଣପ୍ରସାଦ,୪।୮(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା-ସାତପଡ଼ା ଚିଲିକାରେ ଯାତାୟାତ କରୁଥିବା ଡଙ୍ଗାଗୁଡ଼ିକ ସାଧାରଣ ଯାତ୍ରୀଙ୍କଠାରୁ ଭଡ଼ା ବାବଦରେ ଅଧିକ ଅର୍ଥ ଆଦାୟ କରୁଥିବା ନେଇ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ଦୀର୍ଘ ବର୍ଷ ଧରି ଲାଗି ରହିଥିବା ଯାତ୍ରୀ ପରିବହନ ନେଇ ଅବ୍ୟବସ୍ଥା ସମ୍ପର୍କରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅମିୟ କୁମାର ପଣ୍ଡା ଅବଗତ ହେଲା ପରେ ସମସ୍ୟାର ସମାଧାନ ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ଯାତ୍ରୀ ପରିବହନ କରୁଥିବା ଡଙ୍ଗା ମାଲିକଙ୍କୁ ଡାକି ବିଡିଓ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଚିଲିକା ଜଳରାଶିରେ ଯାତ୍ରୀମାନେ କିଭଳି ସୁବିଧା ଓ ସୁଲଭ ମୂଲ୍ୟରେ ଯାଇପାରିବେ, ସେନେଇ ଏକ ନୀତି ନିର୍ଦ୍ଧାରଣ କରାଯାଇଥିବା ଜଣାପଡ଼ିଛି। ଡଙ୍ଗାଗୁଡ଼ିକ ଜନସାଧାରଣଙ୍କଠାରୁ ଆଉ ଅଧିକ ଅର୍ଥ ଆଦାୟ କରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ବାଇକ୍ ପିଛା ୨୦ଟଙ୍କା ଓ ଯାତ୍ରୀ ପିଛା ୧୦ ଟଙ୍କାରେ ଡ଼ଙ୍ଗା ମାଲିକମାନେ ଅଞ୍ଚଳବାସୀଙ୍କୁ ସେବା ଯୋଗାଇଦେବେ ବୋଲି ବିଡିଓଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ଧରି ଯାତ୍ରୀ ପରିବହନରେ ଦେଖାଦେଇଥିବା ଅବ୍ୟବସ୍ଥାରେ ସୁଧାର ଆସିବାରୁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି। ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ବିଡିଓଙ୍କ ଯୋଗୁ ଏହା ସମ୍ଭବ ହୋଇପାରିଥିବାରୁ ଅଞ୍ଚଳବାସୀ ଏଥିନିମନ୍ତେ ବିଡିଓଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶିବତତ୍ତ୍ୱ ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଭକ୍ତ।

ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ୍ ତରଫରୁ ଶ୍ରୀଚୈତନ୍ୟ ବିହାରସ୍ଥିତ ମହାଦେବଙ୍କ ଅଭିଷେକ ଓ ବିଶେଷ ପୂଜା କରାଯାଇଛି। ଏହି ଅବସରରେ ଶିବତତ୍ତ୍ୱ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଭକ୍ତିକିରଣ ସାଗର ମହାରାଜ, ଶ୍ରୀଚୈତନ୍ୟ ଗବେଷକ ଜାନକୀବଲ୍ଲଭ ପଟ୍ଟନାୟକ, ଅନନ୍ତ ହରିବାବା ଏବଂ ଜିତୁ ସାହୁ ପ୍ରମୁଖ ଆଲୋଚନା ଚକ୍ରରେ ଭାଗନେଇ ଶିବତତ୍ତ୍ୱ ବିଷୟରେ କହିଥିଲେ। ଭାରତୀୟ ସନାତନ ସଂସ୍କୃତିରେ ଶିବ ପୂଜା ବହୁ ପ୍ରାଚୀନ। ଶିବ ପରମ ବୈଷ୍ଣବ। ଏଣୁ ଶୈବ ଓ ବୈଷ୍ଣବ ମଧ୍ୟରେ ପ୍ରଭେଦ ନାହିଁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଲୋଚନା ଚକ୍ରରେ ବ୍ରଜ ବାବା, ଶିକ୍ଷାବିତ୍ ଜଗଦୀଶ ପ୍ରସାଦ ପଟ୍ଟନାୟକ, ପ୍ରଭୁପଦ ପଟ୍ଟନାୟକ, ଲକ୍ଷ୍ମଣ ଭାରିମଲ୍, ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ର ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ। ଆଶୁତୋଷ ସାହୁ ଧନ୍ୟବାଦ ଦେଇଥିଲେ। ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ଏବଂ ସନ୍ତୋଷ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଶ୍ୱାସ, ଉତ୍ତମ ବୁଝାମଣା ହିଁ ଏକମାତ୍ର ବନ୍ଧୁର ପ୍ରତୀକ



ବିଶ୍ୱ ବନ୍ଧୁତା ଦିବସ ଅବସରରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବେଗୁନିଆ,୪।୮(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲ୍ ପରିସରରେ ରବିବାର ‘ବିଶ୍ୱ ବନ୍ଧୁତା ଦିବସ’ ପାଳିତ ହୋଇଯାଇଛି। ବେଗୁନିଆ ଆଦର୍ଶ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ପୂର୍ବତନ ନିର୍ଦ୍ଦେଶିକା ସେବା ମହାପାତ୍ର ଯୋଗ ଦେଇଥିଲେ। ବକ୍ତା ଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ. ତ୍ରିନାଥ ଦାସ ଓ ସମ୍ମାନିତ ଅତିଥି ଭାବେ ରସାୟନବିତ୍ ଡ. ହରିପ୍ରସାଦ ଦାସ ଉପସ୍ଥିତ ଥିଲେ। ପଣ୍ଡିତ ବିନୋଦ ଦାଶଙ୍କ ବେଦ ଓ ବିଷ୍ଣୁ ପ୍ରସାଦ କରଙ୍କ ମଙ୍ଗଳା ଚରଣ ପାଠ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିଃସ୍ୱାର୍ଥପର ବନ୍ଧୁ ହିଁ ପ୍ରକୃତ ବନ୍ଧୁତାର ପରିଚୟ ସୃଷ୍ଟି କରନ୍ତି। ସେହିପରି ବିଶ୍ୱାସ ଓ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ହିଁ ଏକମାତ୍ର ବନ୍ଧୁର ପ୍ରତୀକ ବୋଲି ଅତିଥି ନିର୍ଦ୍ଦେଶିକା ମହାପାତ୍ର ଉଦ୍‌ବୋଧନ ଦେଇ କହିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଡ. ବନବିହାରୀ ମହାପାତ୍ରଙ୍କୁ ‘ବନ୍ଧୁପ୍ରାଣ’ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥିଙ୍କୁ ଉତ୍ତରୀୟ ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଶାସକ ସୁଧାକର ସାମନ୍ତରାୟ, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ପ୍ରାଧ୍ୟାପକ ପ୍ରଫୁଲ୍ଲ ସୁବୁଦ୍ଧି, ଡ. ଅଖିଳେଶ ପ୍ରସାଦ ପଣ୍ଡା, ଗାୟକ ପ୍ରଦୀପ ତ୍ରିପାଠୀ, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ପୂର୍ବତନ ସେନା କର୍ମଚାରୀ ବସନ୍ତ ହୋତା, ପ୍ରଧାନ ଶିକ୍ଷକ ଦିବାକର ସାହୁ, ବିଜୟ ପ୍ରଧାନ, ଭାଗୀରଥି ପରିଡ଼ା, ପ୍ରଶାନ୍ତ ବାରିକ୍, ସୁରେନ୍ଦ୍ର ପାଲଟାସିଂ, ଶିକ୍ଷାବିତ ହରିବନ୍ଧୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଖୋର୍ଦ୍ଧା ଫୁଟ୍‌ବଲ ଲିଗ୍ ଟୁର୍ନାମେଣ୍ଟ ଅଗଷ୍ଟ ୨ୟ ସପ୍ତାହରେ

ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଜୟଦୁର୍ଗା କ୍ଲବ ପକ୍ଷରୁ ଆସନ୍ତା ଅଗଷ୍ଟ ୨ୟ ସପ୍ତାହରୁ ଖୋର୍ଦ୍ଧା ଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଜିଲାର ବିଭିନ୍ନ ଫୁଟ୍‌ବଲ ଦଳକୁ ନେଇ ସ୍ଥାନୀୟ କ୍ରୀଡ଼ା ସଂସଦ ଖେଳପଡ଼ିଆରେ ମ୍ୟାଚ ଖେଳାଯିବ। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଦଳଗୁଡ଼ିକ ୬ ତାରିଖ ସୁଦ୍ଧା ସାଧାରଣ ସମ୍ପାଦକ ଉପେନ୍ଦ୍ରନାଥ ଦାସ, ଜୟଦୁର୍ଗା କ୍ଲବ ସହ ଯୋଗାଯୋଗ କରିବାକୁ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

### ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖାରେ ବେଲ୍ଟ ପରୀକ୍ଷା

ବାଲୁଗାଁ,୪।୮(ସଂଗ୍ରାମ ପାଇକରାୟ) ଉତ୍କଳ କରାଟେ ସ୍କୁଲ ବାଲୁଗାଁ ଶାଖାରେ ବେଲ୍ଟ ପରୀକ୍ଷା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧ ଜଣ କରାଟେକା ଅଂଶଗ୍ରହଣ କରିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାନସି ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସିହାନ ଖାରବେଳ ମଲ୍ଲିକ ପରୀକ୍ଷା ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲା ଉତ୍କଳ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ସେନସେଇ ଦୀପକ କୁମାର ସାମନ୍ତରାୟ ପରୀକ୍ଷାରେ କମାଣ୍ଡିଂ ନେବା ସହ ସମସ୍ତ କୃତୀ କରାଟେକାଙ୍କୁ ବିଭିନ୍ନ କୌଶଳ ସମ୍ବନ୍ଧରେ ଅବଗତ କରିଥିଲେ। ସେନସେଇ ରଞ୍ଜନ ସାମନ୍ତରାୟ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇଥିଲେ। ସେନସେଇ ସନ୍ତୋଷ ମହାରଣା, ପ୍ରତାପ କେଶରୀ ଜେନା, କ୍ରିଷ୍ଣା ଶିକାରୀ, ସଂଗ୍ରାମ ନାୟକ, ସାଲୋନୀ ପାତ୍ର ଏବଂ ବୈକୁଣ୍ଠ ନାଥ ପ୍ରଧାନ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

# ଦାରୁଦିଅଁଙ୍କ ଦର୍ଶନ ପାଇଁ ଖରାରେ ଶିଝିଲେ ଭକ୍ତ

ପୁରୀ,୪।୮(ଅଜିତ୍ କୁମାର ମହାନ୍ତି)- ଚିତାଲାଗି ଅମାବାସ୍ୟା ଅବସରରେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହୋଇଛି। ଦାରୁଦିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ଦୋଳବେଦି କୋଣଠାରୁ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଦୁଇଟି ଲମ୍ବାଧାଡ଼ି ଲାଗିଥିଲା। ଭକ୍ତମାନେ ଚାରିଦ୍ୱାର ଦେଇ ପ୍ରବେଶ କରିଥିଲେ। ତେବେ ପ୍ରବଳ ଗହଳି ଯୋଗୁ କେତେଜଣ ଭକ୍ତ ଅଣନିଃଶ୍ୱାସୀ ଅନୁଭବ କରିଥିବାବେଳେ ଆଉ କେତେଜଣ ଅଚେତ ହୋଇପଡ଼ିଥିଲେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବାହ୍ନରେ ମହାପ୍ରଭୁଙ୍କ ମହାସ୍ନାନ ହେବା କାରଣରୁ କିଛି ସମୟ ପାଇଁ ଦର୍ଶନ ବନ୍ଦ ରହିଥିଲା। ସେହିପରି ଚିତାଲାଗି ନୀତି ଥିବାରୁ ସର୍ବସାଧାରଣ ଦର୍ଶନ ୪ଘଣ୍ଟା ବନ୍ଦ ରହିଥିଲା। ଖରାରେ ଭକ୍ତମାନେ ଦୀର୍ଘ ସମୟ ଧରି ଧାଡ଼ିବାନ୍ଧି ଠିଆହୋଇ ରହିଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାରେ ପ୍ରଶାସନ ଫେଲ ମାରିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଗୋଦାବରୀଶ ମହାପାତ୍ରଙ୍କ ଗୃହର ପୁନରୁଦ୍ଧାର ଭିତ୍ତିପ୍ରସ୍ତର ସ୍ଥାପନ

ବାଣପୁର,୪।୮(ଦିଲୀପ କୁମାର ସ୍ୱାଇଁ)

ଗୋଦାବରୀଶ ମହାପାତ୍ରଙ୍କ ସ୍ମାରକୀ ପାଇଁ ବାଣପୁର କୁମାରାଙ୍ଗ ଶାସନସ୍ଥିତ ତାଙ୍କ ଜରାଜୀର୍ଣ୍ଣ ଗୃହର ପୁନରୁଦ୍ଧାର, ଗ୍ରାମ ପାଠାଗାର, ଜନ୍ମମାଟି କୁମାରାଙ୍ଗ ଶାସନର ପୁନରୁଦ୍ଧାର ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ କୁମାରାଙ୍ଗସ୍ଥିତ କୁମାର ପଠାଗାରଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଗୋଦାବରୀଶକୃତ ପ୍ରାରମ୍ଭିକ ଉଦ୍‌ବୋଧନୀ ସଙ୍ଗୀତ ‘ଉଠ କଙ୍କାଳ ଛିନ୍ଧୁ ଶୃଙ୍ଖଳ’ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ହରିଚନ୍ଦନ କହିଥିଲେ, ଗୌରବାନ୍ୱିତ ସାହିତ୍ୟ ମାଧ୍ୟମରେ ଓଡ଼ିଆ ଅସ୍ମିତାରେ ବିପ୍ଳବ ସୃଷ୍ଟି କରିଥିବା ଅସ୍ପୃଶ୍ୟତା, କୁସଂସ୍କାର ଲେଖନୀ ଚାଳନା କରିଥିବା ଏହି ମହାପୁରୁଷଙ୍କ ଉପଯୁକ୍ତ ପ୍ରଚାର ପ୍ରସାର ହୋଇପାରିନାହିଁ। ବାଣପୁରରେ ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଗୋଦାବରୀଶ ମହାପାତ୍ରଙ୍କ ସ୍ମାରକୀ ନିର୍ମାଣ ପ୍ରକ୍ରିୟା ଚାଲୁ ରହିଛି। ଉକ୍ତ ସ୍ମାରକୀକୁ ଏକ ବର୍ଷ ମଧ୍ୟରେ ସ୍ୱୟଂସମ୍ପୂର୍ଣ୍ଣ କରାଯିବା ସହିତ ଏହାକୁ ଦେଖିବାକୁ ଦେଶ ବିଦେଶରୁ ଯେପରି ପର୍ଯ୍ୟଟକ ଆସିବେ, ତାହାର ବ୍ୟବସ୍ଥା କରାଯିବ। ଗ୍ରାମ୍ୟ ପଠାଗାରର ଉନ୍ନତୀକରଣ କରାଯିବ। ଉକ୍ତ ଉତ୍ସବରେ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରୁନା ଦେଇ, ସମିତି ସଭ୍ୟା ଝୁନା ପଲେଇ ଏବଂ ସ୍ଥାନୀୟ ସରପଞ୍ଚ ସରୋଜିନୀ ପ୍ରଧାନ ଯୋଗଦେଇଥିଲେ।

# ଓୟୁଜେ ପକ୍ଷରୁ ଓଡ଼ିଆ ସାମ୍ବାଦିକତା ଦିବସ




ଖୋର୍ଦ୍ଧା,୪।୮(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ଖୋର୍ଦ୍ଧା ଶାଖା ପକ୍ଷରୁ ଓଡ଼ିଆ ସାମ୍ବାଦିକତା ଦିବସ ରବିବାର ପାଳିତ ହୋଇଯାଇଛି। ଓୟୁଜେ ଖୋର୍ଦ୍ଧା ଶାଖାର ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ରୂପେ ଓୟୁଜେ ରାଜ୍ୟ ସଂଘ ସମ୍ପାଦକ ପ୍ରସନ୍ନ ପାଇକରାୟ, ଅନ୍ୟତମ ଅତିଥି ରୂପେ ଓୟୁଜେ ଖୋର୍ଦ୍ଧା ଜିଲା ସଭାପତି ତପନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଦିବସ ପାଳନ, ସାମ୍ବାଦିକତା ଧର୍ମ ଓ ସାମ୍ବାଦିକତା କଳାବେଳେ ନୀତି, ଆଦର୍ଶକୁ ଲକ୍ଷ୍ୟ ରଖି ସାଧାରଣଲୋକଙ୍କ ସମସ୍ୟାର ସମାଧାନ ଦିଗରେ ଆଗେଇବାକୁ ହେବ ବୋଲି ଓୟୁଜେ ସଭାପତି ନାୟକ କହିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ପ୍ରଥମ ସମ୍ବାଦପତ୍ର ‘ଉତ୍କଳ ଦୀପିକା ’ରେ କେଉଁଭଳି ଖବର ପରିବେଷଣ ହେଉଥିଲା ଏହି ପରିବେଷଣ ଦ୍ୱାରା ସାମ୍ବାଦିକତାର କାର୍ଯ୍ୟଧାରା ଉପରେ ବିସ୍ତୃତ ଭାବେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ୍ ମିଶ୍ର, ଶୁଭଲକ୍ଷ୍ମୀ ସାମନ୍ତରା, ସୟଦ ଅନସର ଅଲ୍ଲୀ, ଗୋପାଳକୃଷ୍ଣ ପ୍ରଧାନ, ପ୍ରକାଶ ପଟ୍ଟନାୟକ, ରାଜେଶ ମହାନ୍ତି, ପ୍ରଭାତ ମହାନ୍ତି, ଲକ୍ଷ୍ମୀନାରାୟଣ ମହାପାତ୍ର, ରମେଶ ସାମନ୍ତରାୟ, ଅୟସ ମହାନ୍ତି, ସେକ ଅନୱର ଅଲ୍ଲୀ, ଇକବଲ ଅହମ୍ମଦ, ସନ୍ଦୀପ ବର୍ମନ, ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକତା ଦିବସ ଉପରେ ନିଜ ବକ୍ତବ୍ୟ ରଖିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଟାଙ୍ଗୀ ଖୋର୍ଦ୍ଧା,୪।୮(ରଘୁନାଥ ସାହୁ) ଅବସରପ୍ରାପ୍ତ ଶିକ୍ଷକ ରମେଶ ମହାପାତ୍ର(୭୨)ଙ୍କ ରବିବାର ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ଅବସର ପରେ ଧାର୍ମିକ କାର୍ଯ୍ୟକ୍ରମରେ ସେ ବ୍ରତୀ ରହିଥିଲେ। ଗାଁ ଶ୍ମଶାନରେ ଶବଦାହ କରାଯାଇଥିଲାବେଳେ ବଡ଼ପୁଅ ଅଶୋକ ମୁଖାଗ୍ନି ଦେଇଥିଲେ।

### ନବାଗତ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

ବେଗୁନିଆ,୪।୮(ସନ୍ଧ୍ୟାରାଣୀ ମିଶ୍ର) ଚଳିତ ଶିକ୍ଷାବର୍ଷର ପ୍ରାରମ୍ଭରେ ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମସ୍ଥିତ ରମାମଣି ମହାବିଦ୍ୟାଳୟ ପକ୍ଷରୁ ନବାଗତ ସ୍ନାତକ ଓ ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗଙ୍ଗାଧର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ ନାରାୟଣ ବନ୍ଧୁ ପଟ୍ଟନାୟକ, ଇନ୍ଦୁ ଭୂଷଣ ହରିଚନ୍ଦନ, ଦିଲୀପ ସାଥୁଆ, ଅଧ୍ୟାପକ ଶ୍ୟାମା ପ୍ରସାଦ ଶତପଥି, ମହେନ୍ଦ୍ର ବେହେରା, ଭୋଳେଶ୍ୱର ନାୟକ, ପ୍ରତାପ ମେହେର, ସୌମ୍ୟା ଷଡ଼ଙ୍ଗୀ, ଭାଗ୍ୟଶ୍ରୀ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଶୈକ୍ଷିକ ପରିବେଶ ମଧ୍ୟରେ ଅଧ୍ୟୟନ କରି ଦେଶର ଟେକ ରଖିବାକୁ ପରାମର୍ଶ ଦେଇଥିଲେ।

# କଲମରେ ଅମାପ ଶକ୍ତି, ବନ୍ଧୁତା ସମ୍ପର୍କକୁ ଯୋଡ଼େ

## ଓଡ଼ିଆ ସାମ୍ବାଦିକତା ଓ ବନ୍ଧୁତ୍ୱ ଦିବସ ପାଳିତ

ଖୋର୍ଦ୍ଧା,୪।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରେସ କ୍ଲବ ଆନୁକୂଲ୍ୟରେ ଓଡ଼ିଆ ସାମ୍ବାଦିକତା ଓ ବନ୍ଧୁତ୍ୱ ଦିବସ ରବିବାର ସାମ୍ବାଦିକ ଭବନରେ ପାଳିତ ହୋଇଯାଇଛି। କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ବରିଷ୍ଠ ଖବରଦାତା ସୁଜିତ ମିଶ୍ର, ଲଳିତ ମୋହନ ମହାପାତ୍ର, ଗୋପାଳକୃଷ୍ଣ ପ୍ରଧାନ, ପ୍ରବୀଣ ଭଞ୍ଜ, କୁତବୁଦ୍ଦିନ ଖାନ, ଏସ୍‌କେ ହକ, ଏସ୍‌କେ ଅବଦୁଲ ହକ, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ମୋତହର ୟୁସୁଫ, ଅନସର ଅଲ୍ଲୀ, ଶୁଭଲକ୍ଷ୍ମୀ ସାମନ୍ତରା, ପ୍ରଭାତ ରାଉତରାୟ, ମନୋରଞ୍ଜନ ପ୍ରଧାନ, ବିଶ୍ୱଜିତ ମହାପାତ୍ର, ରଞ୍ଜିତ କେ.ଏନ୍. ସାମନ୍ତରାୟ, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ସାମ୍ବାଦିକତା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତିତ୍ୱ ଭାଷଣରେ ସାମନ୍ତରାୟ ଆଜିର ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅବ୍ୟକ୍ତ ହରିହର ଖାଡଙ୍ଗା ସଂଯୋଜନା କରିଥିବା ବେଳେ ପ୍ରକାଶ ହାତୀ ଧନ୍ୟବାଦ ଦେଇଥିଲେ। ୧୮୬୬ ମସିହା ଅଗଷ୍ଟ ୪ରେ ଓଡ଼ିଶାର ପ୍ରଥମ ଓଡ଼ିଆ ଖବରକାଗଜ ଉତ୍କଳ ଦୀପିକା ଆତ୍ମପ୍ରକାଶ କରିଥିଲା। କର୍ମବୀର ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଥିଲେ। ଉତ୍କଳ ଦୀପିକା ତତ୍କାଳୀନ ସାମାଜିକ ରାଜନୈତିକ କ୍ଷେତ୍ର ସହ ଜନତାଙ୍କ ସ୍ୱରକୁ ସରକାରଙ୍କ ନିକଟରେ ଦୃଢ ଉପସ୍ଥାପନା କରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ପ୍ରତିବର୍ଷ ଅଗଷ୍ଟ ୪କୁ ଓଡ଼ିଆ ସାମ୍ବାଦିକ ଦିବସ ଭାବେ ପାଳନ କରାଯାଉଛି। ପୂର୍ବାପେକ୍ଷା ଓଡ଼ିଆ ସାମ୍ବାଦିକତାରେ ଯଥେଷ୍ଟ ସୁଯୋଗ ରହିଛି। ଏବେ ବହୁ ଯୁବପିଢି ସାମ୍ବାଦିକତା ପାଇଁ ଆଗେଇ ଆସିଲେଣି। କଲମରେ ଅମାପ ଶକ୍ତି ରହିଛି। ଏହା ପ୍ରଳୟ, ସାମାଜିକ ପରିବର୍ତ୍ତନ ସହ ସରକାର ମଧ୍ୟ ପରିବର୍ତ୍ତନ କରିଦେଇପାରେ। ତେବେ ସାମ୍ବାଦିକତା ଏକ ପେଶା ନୁହଁ, ବରଂ ସାମାଜିକ ଦାୟିତ୍ୱବୋଧ। ଲୋକଙ୍କ ସ୍ୱରକୁ ସରକାରଙ୍କ ନିକଟରେ ପହଞ୍ଚାଇଥାଏ। ଏଣୁ ଏକ ସୁସ୍ଥ, ଶୃଙ୍ଖଳିତ ସମାଜ ଗଠନରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ନିଜ ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ଖବରଦାତାଙ୍କ ପ୍ରତିବଦ୍ଧତା ରହିବା ଜରୁରୀ ବୋଲି ଖବରଦାତାମାନେ ନିଜ ବକ୍ତବ୍ୟରେ କହିଥିଲେ। ଶେଷରେ ପରସ୍ପରକୁ ବନ୍ଧୁତ୍ୱ ଦିବସର ଶୁଭେଚ୍ଛା ଜଣାଇବା ସହ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ।



ଓଡ଼ିଆ ସାମ୍ବାଦିକତା ଓ ବନ୍ଧୁତ୍ୱ ଦିବସ ଅବସରରେ ଗଣମାଧ୍ୟମ ପ୍ରତିନିଧିମାନେ।

**ଓଡ଼ିଆ ସାମ୍ବାଦିକତା ଦିବସ ପାଳିତ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାରସ୍ଥିତ କପାଳେଶ୍ୱର ମନ୍ଦିର ପରିସରରେ ଓଡ଼ିଆ ସାମ୍ବାଦିକତା ଦିବସ ରବିବାର ପାଳିତ ହୋଇଯାଇଛି। କଟକ ଜିଲା ଓଡ଼ିଶା ସାମ୍ବାଦିକ ୟୁନିୟନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ଚୌଦ୍ୱାର-କଟକର ବହୁ ଖବରଦାତା ଯୋଗଦେଇ ଉକ୍ତ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସାଧାରଣ ସମ୍ପାଦକ ଅଜୟ କୁମାର ଦାସ, ମହେନ୍ଦ୍ର କୁମାର ବିଶ୍ୱାଳ, ଶୁଭେନ୍ଦୁ ସାମଲ, କାନନ ବିହାରୀ ନାୟକ, ଆଦିତ୍ୟ କୁମାର ଛୋଟରାୟ, ଗଙ୍ଗାଧର ବେହେରା, ସନ୍ତୋଷ କୁମାର ଖୁଣ୍ଟିଆ, ଅଜିତ୍ କୁମାର ସ୍ୱାଇଁ, ନାରାୟଣ ସିହ୍ନା, ପ୍ରକାଶ କୁମାର ନାୟକ ପ୍ରମୁଖ ଗଣମାଧମ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନରେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

# ମା' କ୍ଷୀର ସର୍ବଶ୍ରେଷ୍ଠ

### ବିଶ୍ୱସ୍ତନ୍ୟପାନ ସପ୍ତାହ

ବାଙ୍କୀ,୪।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଦର୍ଶ ଯୁବପରିଷଦ ଓ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ରବିବାର ପାଳିତ ହୋଇଯାଇଛି। ପରିଷଦର ଆବାହକ ଅକ୍ଷୟ କୁମାର ସାମଲ ଏଥିରେ ସଭାପତିତ୍ୱ କରି ବିଶ୍ୱସ୍ତନ୍ୟପାନ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନଭଞ୍ଜନ ଦଳେଇ, କାଶିନାଥ ରାଉତ, ଲଲାଟେନ୍ଦୁ ପଣ୍ଡା, ଝୁନୁ ବେହେରା, ସୁଜାତା ରାଉତ, ସାମାଜିକ କର୍ମୀ ଶୁଭେନ୍ଦୁ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ମା'କ୍ଷୀର ହିଁ ସର୍ବଶ୍ରେଷ୍ଠ ବୋଲି କହିଥିଲେ। ଏହାକୁ ଶିଶୁମାନେ ପାନ କଲେ ସେମାନେ ସୁସ୍ଥ ସବଳ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ଯୋଗଦେଇଥିଲେ। ଅନୁପମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଦ୍ମିନୀ ରଥଙ୍କ ସ୍ମୃତିସଭା

କଟକ,୪।୮ (କାର୍ତ୍ତିକ ସାହୁ)

ବିଶିଷ୍ଟ ଶିକ୍ଷୋଦ୍ୟୋଗୀ ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ସ୍ତ୍ରୀ ପଦ୍ମିନୀ ରଥଙ୍କ ନବମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା ରାଜେନ୍ଦ୍ରନଗରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସର୍ବମଙ୍ଗଳା ମହଲା ସଭା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୀଠାଧୀଶ ଦେବଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ପରେ ପଦ୍ମିନୀ ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅମର ଆତ୍ମାର ସଦ୍‌ଗତି କାମନା କରି ନାମ ସଂକୀର୍ତ୍ତନ ଓ ପ୍ରାର୍ଥନା କରାଯାଇଥିଲା। ପଦ୍ମିନୀ ରଥଙ୍କ ଗୁଣାବଳୀ ଉପରେ ଉପସ୍ଥିତ ବ୍ୟକ୍ତିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ରଥ ପରିବାର ପକ୍ଷରୁ ସାହି ମୁରବି, ବରିଷ୍ଠ ନାଗରିକ, ମହଲା ସଭାର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଡ. ରଥ ସମ୍ବର୍ଦ୍ଧିତ କରିଥିଲେ। ବୀରକିଶୋର ସାହୁ, ଗଣେଶ୍ୱର ଜେନା, ଶ୍ରୀକାନ୍ତ ମହାନ୍ତି, ଆଇନଜୀବୀ ହେମନ୍ତ ମହାପାତ୍ର, ପ୍ରଶାନ୍ତ ପଣ୍ଡା, ପରମାନନ୍ଦ ମିଶ୍ର, ରାଧେଶ୍ୟାମ ରଣା, କର୍ପୋରେଟର ସୌଦାମିନୀ ଜେନା, ଲଲାଟେନ୍ଦୁ ମହାପାତ୍ର, ମହେନ୍ଦ୍ର ଷଡ଼ଙ୍ଗୀ, ଅବସରପ୍ରାପ୍ତ ଅବକାରୀ ଅଧୀକ୍ଷକ ଅଭୟ ପଞ୍ଜାର ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଦ୍ମିନୀ ରଥଙ୍କ ପୁତ୍ର ଇଂ. ଦୁର୍ଗାପ୍ରସାଦ ରଥ, ଶିବ ପ୍ରସାଦ ରଥ, ସୁଧାଂଶୁ ଭୂଷଣ କର, ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଶାନ୍ତ କୁମାର ତ୍ରିପାଠୀ, ସୁଶାନ୍ତ କଅଁର, ଅରବିନ୍ଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍‌ସିବିରେ ପାଳନ ହେଉନି ସ୍ୱାସ୍ଥ୍ୟ ବିଭାଗ ନିୟମ





ଏସ୍‌ସିବି ମେଡିକାଲ ପରିସରରେ ପକାଯାଇଥିବା ଗୁଟ୍‌ଖା, ପାନଛେପ।

- ବିଭିନ୍ନ ସ୍ଥାନରେ ପକାଯାଉଛି ଗୁଟ୍‌ଖା, ପାନ ଛେପ
- କଟା ଯାଉନି ଚାଲାଣ

କଟକ,୪।୮(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ମେଡିକାଲର ବିଭିନ୍ନ ସ୍ଥାନରେ ପାନ, ଗୁଟ୍‌ଖା ଛେପ ନ ପକାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଡ଼ା ନିୟମ ଲାଗୁ କରାଯାଇଥିଲା। ଏହି ନିୟମ ନ ମାନିଲେ ଜରିମାନା ଆଦାୟ ପାଇଁ କୁହାଯାଇଥିଲା। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ରସିଦ୍ ବହି ମଧ୍ୟ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ହେଲେ ଏହି ନିୟମକୁ ମେଡିକାଲ କର୍ତ୍ତୃପକ୍ଷ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ମୁତାବକ, ମେଡିକାଲ ପରିସରରେ କର୍ମଚାରୀ ଓ ରୋଗୀ ସମ୍ପର୍କୀୟ ପାନ୍, ଗୁଟ୍‌ଖା ଖାଇ ଛେପ ଏଣେତେଣେ ପକାଉଛନ୍ତି। ଏହାଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଫଳରେ ପ୍ରଥମେ ମେଡିକାଲ କର୍ମଚାରୀଙ୍କୁ ସୁଧାରିବା ପାଇଁ ଗତବର୍ଷ ମେଡିକାଲ ପକ୍ଷରୁ ଏକ ନୋଟିସ୍ ଜାରି କରାଯାଇଥିଲା। ଯେଉଁ କର୍ମଚାରୀ ପାନ, ଗୁଟ୍‌ଖା ଓ ସିଗାରେଟ ଖାଇବା ସମୟରେ ଧରାପଡିବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। ଏହାପରେ ମେଡିକାଲରେ ପାନ, ଗୁଟ୍‌ଖା ଖାଇବା ବନ୍ଦ ହୋଇଯାଇଥିଲା। ହେଲେ କିଛିଦିନ ବ୍ୟବଧାନ ପରେ କର୍ମଚାରୀମାନେ ଲୁଚାଛପାରେ ପୁଣି ମେଡିକାଲ ପରିସରରେ ପାନ୍, ଗୁଟ୍‌ଖା ଖାଇ ଛେପ ପକାଇଲେ। ଫଳରେ କିଛି ମାସ ବ୍ୟବଧାନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ରସିଦ୍ ବହି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ସହାୟତା କେନ୍ଦ୍ରରେ କାମ କରୁଥିବା କର୍ମଚାରୀ ଏସ୍‌ସିବିର କର୍ମଚାରୀଙ୍କୁ ଯାଞ୍ଚ କରିବେ। ଯଦି କେହି ପାନ, ଗୁଟ୍‌ଖା ଓ ସିଗାରେଟ୍ ଖାଆନ୍ତି ତା'ହେଲେ ଚାଲାଣ କଟାଯିବା ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏନେଇ ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ମେଡିକାଲରେ ଏହି ନିୟମ ପାଳନ କରାଯାଇଥିଲା, କିନ୍ତୁ ଚାଲାଣ କାଟିବା ସଂଖ୍ୟା ବଢ଼ିଲା। କେବଳ ମେଡିକାଲ କର୍ମଚାରୀ ନୁହଁନ୍ତି ରୋଗୀ ସମ୍ପର୍କୀୟଙ୍କଠାରୁ ଚାଲାଣ କଟାଯାଇଛି। ଚିକିତ୍ସା ପାଇଁ ମେଡିକାଲ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଜରିମାନା ଆଦାୟ କରିବା କଷ୍ଟକର ହୋଇପଡୁଥିଲା। ସେଥିପାଇଁ ଏହି ଚାଲାଣ କଟାଯିବା ବ୍ୟବସ୍ଥା ବନ୍ଦ କରାଯାଇଛି। ଏନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# 'ନନ୍ଦିନୀ ଦେବୀଙ୍କ ଅବଦାନ ଚିର ସ୍ମରଣୀୟ'



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଗଣମାଧମ ପ୍ରତିନିଧି।

### ପ୍ରେସ୍ କ୍ଲବ୍ ପକ୍ଷରୁ ନନ୍ଦିନୀ ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

ଚୌଦ୍ୱାର,୪।୮(ଆଶୁତୋଷ ଦାସ)

ବିଶିଷ୍ଟ ସାହିତ୍ୟ ସାଧିକା, ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅଷ୍ଟାଦଶ ଶ୍ରାଦ୍ଧ ବାର୍ଷିକୀରେ ଚୌଦ୍ୱାର ପ୍ରେସ୍ କ୍ଲବରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ଉପ ସଭାପତି ରମେଶ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ତଥା ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଅତିଥି ଭାବେ ଯୋଗଦେଇ କହିଛନ୍ତି, ମହିଳାଙ୍କ ନେତୃତ୍ୱ ନେବାରେ ନନ୍ଦିନୀ ଦେବୀଙ୍କ ଅବଦାନ ଚିରସ୍ମରଣୀୟ। ଏହି କାର୍ଯ୍ୟକ୍ରମରେ ଖବରଦାତା ଗଙ୍ଗାଧର ସାହୁ, ସୌରେନ୍ଦ୍ର ପଣ୍ଡା, ପ୍ରକାଶ କୁମାର ନାୟକ, ବିଶ୍ୱଜିତ୍ ଭଞ୍ଜ, ଅଜିତ୍ କୁମାର ସ୍ୱାଇଁ, ବିମଲ କୁମାର ବେଉରା, ସୁଧାକର ସାମନ୍ତରାୟ, ଶୁଭେନ୍ଦୁ ସାମଲ, ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# 'ଶିକ୍ଷା ସହ ଜୀବନର ଦୀକ୍ଷା ପ୍ରଦାନରେ ଶିକ୍ଷାନୁଷ୍ଠାନ ବ୍ରତୀ ହୁଅନ୍ତୁ'



ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭାଜପା ନେତା ଅରିନ୍ଦମ ରାୟ ଓ ଅନ୍ୟମାନେ।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ସାଲେପୁର,୪।୮(ଅରବିନ୍ଦ ଭୂୟାଁ)

ଶିକ୍ଷା ସହ ଜୀବନର ଦୀକ୍ଷା ପ୍ରଦାନରେ ଶିକ୍ଷାନୁଷ୍ଠାନ ବ୍ରତୀ ହୁଅନ୍ତୁ। ଶ୍ରୀମା' ଓ ଶ୍ରୀଅରବିନ୍ଦଙ୍କ ଆଶୀର୍ବାଣୀ ଏହି ବିଦ୍ୟାଳୟରେ ପ୍ରତିଫଳିତ ହୋଇଛି। ମଧୁବାବୁ ଓ ସୁରେନ୍ଦ୍ର ମହାନ୍ତିଙ୍କୁ ଓଡ଼ିଆ ଜାତି କୃତଜ୍ଞତା ଅର୍ପଣ କରୁଛି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁରର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ସେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ନେତା ତଥା ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ପଣ୍ଡିଚେରୀ ଆଶ୍ରମର ସାଧକ ଜନାର୍ଦ୍ଦନ କୁରାଣୀ, ସମ୍ମାନିତ ବକ୍ତାଭାବେ ପ୍ରସାଦ ତ୍ରିପାଠୀ ଓ ବିଦ୍ୟାଳୟର ପ୍ରତିଷ୍ଠାତା ବୀରବର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ମୈତ୍ରୀ ଅପା ସ୍ୱାଗତ ଭାଷଣ, ତ୍ରୈଲୋକ୍ୟ ଭାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ଶ୍ରୀମା' ଓ ଶ୍ରୀଅରବିନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସତ୍ୟଭାମାପୁରରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ପହଞ୍ଚି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିଥିଲେ।

# ବିଶ୍ୱ ବନ୍ଧୁତ୍ୱ ଦିବସ ପାଳିତ

ବାଙ୍କୀ,୪।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗଡ଼ାରେ ବିଭିନ୍ନ ଯୁବସଂଗଠନ ଆନୁକୂଲ୍ୟରେ ରବିବାର ବିଶ୍ୱବନ୍ଧୁତ୍ୱ ଦିବସ ପାଳିତ ହୋଇଯାଇଛି। ନିଜ ଭିତରେ ଶାନ୍ତି, ସମତାକୁ ଏକତ୍ର କରି ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଏହି ଦିବସର ମହତ୍ୱ ଅଟେ। କାଶୀନାଥ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦିବସ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବା ସହ ନିଜ ନିଜ ଭିତରେ ବନ୍ଧୁତ୍ୱକୁ ଦୀର୍ଘ ସ୍ଥାୟୀ କରିବା ନିମନ୍ତେ ସମସ୍ତ ସଦସ୍ୟ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ କେଶବ ଚନ୍ଦ୍ର ବେହେରା, ଯୁବସାମାଜିକ କର୍ମୀ ଅକ୍ଷୟ କୁମାର ସାମଲ, ବଂଶୀଧର ମହାପାତ୍ର, କବି ଲଲାଟେନ୍ଦୁ ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବନ୍ଧୁତ୍ୱ ଦିବସରେ ନିଜ ଭିତରେ ରାଗ ଓ ହିଂସା ପରିତ୍ୟାଗ କରି ବନ୍ଧୁତ୍ୱ ରଖିବା ପାଇଁ ମତବ୍ୟକ୍ତ କରିଥିଲେ । ଶେଷରେ ଶୁଭେନ୍ଦୁ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କଟକ ଜିଲାରୁ ୩ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

କଟକ,୪।୮(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲାରୁ ରବିବାର ୩ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବଡ଼ମ୍ବା, ଚୌଦ୍ୱାର ଏବଂ କଟକ ଏନ୍‌ସିସି କଲୋନୀ ଅଞ୍ଚଳର ଜଣେ ଲେଖାଏ ଅଛନ୍ତି। କଟକ ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୬୯ରେ ପହଞ୍ଚିଛି। ସେଥିମଧ୍ୟରୁ କଟକ ସହରରୁ ୫୩ ଓ ଜିଲାର ବିଭିନ୍ନ ଅଞ୍ଚଳର ୧୬ ଜଣ ରହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମକରନ୍ଦ ବେଉରା କହିଛନ୍ତି, ଡେଙ୍ଗୁ ସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି। ସମସ୍ତ ମୁକାବିଲା ପାଇଁ ଆମେ ପ୍ରସ୍ତୁତ ରହିଛୁ।

# ଆବାସିକ ଉନ୍ନୟନ ସଂଘର ନୂତନ କର୍ମକର୍ତ୍ତା



କଟକ,୪।୮ (କାର୍ତ୍ତିକ ସାହୁ)

ମର୍କତନଗର ସିଡିଏ ସେକ୍ଟର-୭ସ୍ଥିତ ଆବାସିକ ଉନ୍ନୟନ ସଂଘ ପକ୍ଷରୁ ଆସନ୍ତା ୨ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ନିରଞ୍ଜନ ପତି, ଉପସଭାପତି ମନୋରଞ୍ଜନ ସାହୁ, ସମ୍ପାଦକ ସଞ୍ଜୟ ରାଉତ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ସାହୁ, କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ବିଜ୍ଞାନ ମହାପାତ୍ର ନିର୍ବାଚନ ପରିଚାଳନା କରିଥିଲେ।

# ନିଆଳି କଲେଜର ପ୍ରତିଷ୍ଠା ଦିବସ



ସମାରୋହରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ନିଆଳି,୪।୮(ସୁକାନ୍ତ କୁମାର ସିଂହ)

ନିଆଳି କଲେଜର ୪୮ତମ ପ୍ରତିଷ୍ଠା ଦିବସ ସମାରୋହ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିନୋଦ ବିହାରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ମୁଖ୍ୟବକ୍ତା ସ୍ଥାନୀୟ ବିଧାୟକ ଇଂ. ଛବି ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଯୁବନେତା ତଥା ଭାଜପାର ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ଯୋଗଦେଇଥିଲେ। ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଶିକ୍ଷାର ପ୍ରଗତୀ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଅଧ୍ୟକ୍ଷ ଦାସ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପର୍ଯ୍ୟାୟକ୍ରମେ ସମସ୍ୟାର ସମାଧାନ କରାଯିବ ବୋଲି ଅତିଥିମାନେ କହିଥିଲେ। ପ୍ରଫେସର ଏଚ୍.କେ. ଦାସ ବାର୍ଷିକ ବିବରଣୀ ପାଠ ଓ ଅଧ୍ୟାପିକା ଏଲ୍. ଷଡ଼ଙ୍ଗୀ ଓ ଅଧ୍ୟାପକ ପି.କେ. ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ କଲେଜର ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପିକା, ପୂର୍ବତନ ଛାତ୍ରନେତା ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅଧ୍ୟାପକ ଡ.ଏସ୍. ବାରିକ ଧନ୍ୟବାଦ ଦେଇଥିଲେ।

# 'ରାଜଯୋଗ ଶକ୍ତି ଦ୍ୱାରା ବ୍ୟବସାୟ ଆହ୍ୱାନକୁ ଏଡ଼ାଇହେବ'

କଟକ,୪।୮ (କାର୍ତ୍ତିକ ସାହୁ)



ଝାଞ୍ଜିରୀମଙ୍ଗଳା ଆଶ୍ରମରେ ଆୟୋଜିତ ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଝାଞ୍ଜିରୀମଙ୍ଗଳାସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିଳ୍ପ ଓ ବାଣିଜ୍ୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଝାଞ୍ଜିରୀମଙ୍ଗଳା ଆଶ୍ରମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉଦ୍‌ଘାଟନ କରି କହିଛନ୍ତି, ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଶିକ୍ଷା ଦିଆଯାଉଥିବା ରାଜଯୋଗ ମାଧ୍ୟମରେ ଅଶାନ୍ତ ମନକୁ ବାସ୍ତବରେ ଶାନ୍ତ କରିବା ସମ୍ଭବ। ଦୁନିଆରେ ଯେତେ ପ୍ରକାର ଯୋଗ ରହିଛି, ସେଥିମଧ୍ୟରୁ ରାଜଯୋଗ ସବୁଠୁ ଶ୍ରେଷ୍ଠ ଯୋଗ। ରାଜଯୋଗ ଶକ୍ତି ଦ୍ୱାରା ବ୍ୟବସାୟରେ ଆସୁଥିବା ଆହ୍ୱାନକୁ ଏଡ଼ାଇ ହେବ। ବ୍ରହ୍ମାକୁମାରୀ ପ୍ରତିଭା ଅତିଥିଙ୍କୁ ସ୍ୱାଗତ ସହ ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମାକୁମାରୀ ଗୀତାଞ୍ଜଳି କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ଉଦ୍ୟୋଗୀ ବ୍ରହ୍ମାକୁମାର ସତ୍ୟ ଭାଇ ଜଣେ ଯନ୍ତ୍ରୀ ହୋଇ ରାଜଯୋଗ ଅଭ୍ୟାସ ଦ୍ୱାରା ବ୍ୟବସାୟିକ ସଫଳତା ହାସଲ ଉପରେ ଆଲୋକପାତ କରିଥିଲେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କୋହ୍ଲାପୁର କେନ୍ଦ୍ରର ବ୍ରହ୍ମାକୁମାରୀ ଡକ୍ଟର ରଶ୍ମି କହିଛନ୍ତି, ରାଜଯୋଗ ଦ୍ୱାରା ନିଜକୁ ପରିବର୍ତ୍ତନ କରି ଆମେ ପରିସ୍ଥିତି ଉପରେ ସହଜରେ ନିୟନ୍ତ୍ରଣ ପାଇପାରିବା। ପୁଣେ ଶାଖାର ବ୍ରହ୍ମାକୁମାରୀ ଭାଗ୍ୟଶ୍ରୀ ରାଜଯୋଗର ଅଭ୍ୟାସ ସହ ଅନୁଭବ କରାଇଥିଲେ। ମିଡିଆ ସଂଯୋଜକ ବ୍ରହ୍ମାକୁମାର ନଥମଲ ଭାଇ ଦୈନନ୍ଦିନ ଜୀବନରେ ରାଜଯୋଗର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। କଟକ ସବ୍‌ଜୋନ ଅତିରିକ୍ତ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ସୁଲୋଚନା କହିଛନ୍ତି, ବର୍ତ୍ତମାନ ପରିବର୍ତ୍ତିତ ପରିସ୍ଥିତିରେ ରାଜଯୋଗ ମାଧ୍ୟମରେ ନିଜକୁ ପରିବର୍ତ୍ତନ କରି ଶ୍ରେଷ୍ଠ ସମାଜ ପ୍ରତିଷ୍ଠା କରିହେବ। ବ୍ରହ୍ମାକୁମାରୀ ଡକ୍ଟର କମଳେଶ ଦିଦି ଶୁଭ ଆଶୀର୍ବାଦ ଅର୍ପଣ କରିଥିଲେ। ବ୍ରହ୍ମାକୁମାର ଲଳିତ ଧନ୍ୟବାଦ ଦେଇଥିଲେ।



କଟକ ରାଜେନ୍ଦ୍ର ନଗରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ପଦ୍ମିନୀ ରଥଙ୍କ ଶ୍ରାଦ୍ଧବାର୍ଷିକୀରେ ଅନୁଷ୍ଠିତ ସ୍ମୃତିସଭାରେ ଯୋଗଦେଇଥିବା ବ୍ୟକ୍ତିବୃନ୍ଦ।



କଟକ ଶାରଳା ଭବନରେ ରୋଟାରୀ କ୍ଲବ୍ ଅଫ୍ କଟକ ସେଣ୍ଟ୍ରାଲ ପକ୍ଷରୁ ଅନୁଷ୍ଠିତ ଆଲୋଚନା ସଭାରେ ଉପସ୍ଥିତ ଅତିଥିବୃନ୍ଦ।

# ଅପରିବର୍ତ୍ତିତ ରହିପାରେ ରେପୋରେଟ୍

ଭୁବନେଶ୍ୱର,୪।୮ (ଅନୁରାଧା ମହାରଣା)



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏହି ସପ୍ତାହରେ ଗୁରୁବାର ଅନୁଷ୍ଠିତ ହେବାକୁ ଯାଉଛି। ଯେଉଁଥିରେ ରେପୋ ହାର ଉପରେ ବିଚାର କରାଯିବ। କେତେକ ସୂତ୍ରରୁ ପ୍ରକାଶ ଯେ ଆରବିଆଇ ଏହି ରେପୋ ହାରକୁ ସ୍ଥିର ରଖାଯାଇପାରେ। ବର୍ତ୍ତମାନ ଆରବିଆଇର ରେପୋ ହାର ମାତ୍ର ୬.୫ ପ୍ରତିଶତ ହେବାକୁ ଯାଉଛି। ବିଶେଷଜ୍ଞମାନେ ଅନୁମାନ କରିଛନ୍ତି ଯେ ହାର ହ୍ରାସ କରିବା ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ଅଧିକ ମାକ୍ରୋକ୍ନୋମିକ ତଥ୍ୟକୁ ଅପେକ୍ଷା କରିପାରେ। ଆମେରିକାର ଫେଡେରାଲ ରିଜର୍ଭ ବର୍ତ୍ତମାନ ସୁଦ୍ଧା ଏହାର ସୁଧ ହାରରେ ସ୍ଥିତି ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି ଏବଂ ଆସନ୍ତା ମାସରେ ମୁଦ୍ରା ନୀତି ହ୍ରାସ ହୋଇପାରେ ବୋଲି ମତ ଦେଇଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ, କ୍ରମାଗତ ମୁଦ୍ରାସ୍ଫୀତି ଚାପ ମଧ୍ୟରେ ସୁଧ ହାର ଉପରେ ଆଭିମୁଖ୍ୟ ବଦଳାଇବା ପୂର୍ବରୁ ଆରବିଆଇ ଆମେରିକାର ମୁଦ୍ରା ନୀତି ଉପରେ ତୀକ୍ଷ୍ଣ ନଜର ରଖିବ। ମୁଦ୍ରା ନୀତି କମିଟି (ଏମପିସି) ହାର ହ୍ରାସ କରିନପାରେ । ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏମପିସି ବୈଠକ ଅଗଷ୍ଟ ୬ ରୁ ୮ ମଧ୍ୟରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଅଗଷ୍ଟ ୮ ରେଟ ଫିକ୍ସିଂ କମିଟିର ନିଷ୍ପତ୍ତି ଦାସ ଘୋଷଣା କରିବେ। ଏନେଇ ଆଇସିଆରଏର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତ୍ୟ ନାୟାର କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୪.୯ ପ୍ରତିଶତ ମୁଦ୍ରାସ୍ଫୀତି ସହିତ ୨୦୨୩-୨୪ ଆର୍ଥିକବର୍ଷରେ ଅଧିକ ଅଭିବୃଦ୍ଧି ସ୍ଥିତି ବଜାୟ ରଖିବା ସପକ୍ଷରେ ଏକ ଧାରା ସୃଷ୍ଟି କରୁଛି। ସେ କହିଛନ୍ତି ଯେ, ୨୦୨୪ ଅଗଷ୍ଟ ମାସ ବୈଠକରେ ଆଭିମୁଖ୍ୟ କିମ୍ବା ହାରରେ ପରିବର୍ତ୍ତନ ପାଇଁ କୌଣସି ସୁଯୋଗ ଥିବା ପରି ମନେ ହେଉନାହିଁ।

## ୬ ଅଗଷ୍ଟରେ ଖୋଲିବ ବିଏସ୍ଏଲ୍‌ର ଆଇପିଓ

ନୂଆଦିଲ୍ଲୀ,୪।୮

ବ୍ରେନ୍‌ବିଜ୍ ସଲ୍ୟୁସନ୍ସ ଲିମିଟେଡ୍ (ବିଏସ୍ଏଲ୍)ର ଇନିସିଆଲ୍ ପବ୍ଲିକ୍ ଅଫର (ଆଇପିଓ) ୨୦୨୪ ଅଗଷ୍ଟ ୬ ରେ ଖୋଲିବ ଏବଂ ୮ ଅଗଷ୍ଟରେ ବନ୍ଦ ହେବ। ଏହାର ଆଙ୍କର ନିବେଶକମାନେ ୫ ଅଗଷ୍ଟରେ ବିଡ୍ ଦାଖଲ କରିପାରିବେ। ଏହି ଅଫରରେ ଇକ୍ୱିଟି ଶେୟାର ପିଛା ମୂଲ୍ୟ ୪୪୦ଟଙ୍କାରୁ ୪୬୫ ଟଙ୍କା ମଧ୍ୟରେ ରହିବ। ନିବେଶକମାନେ ସର୍ବନିମ୍ନ ୩୨ଟି ଶେୟାର ପାଇଁ ବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୩୨ଟି ଲେଖାଏଁ ଶେୟାର ଯୋଡ଼ିପାରିବେ। ଏହି ଅଫରରେ ୧,୬୬୬ କୋଟି ଟଙ୍କାର ନୂଆ ଇକ୍ୟୁଟି ଶେୟାର ଜାରି କରାଯିବ ଏବଂ ଅଫର ଫର୍ ସେଲ୍‌ରେ ୫୪,୩୫୯,୭୩୩ ଇକ୍ୱିଟି ଶେୟାର ବିକ୍ରି କରାଯିବ।

## ଗ୍ରାମାଞ୍ଚଳରେ ଜିଓର ଡିଜିଟାଲ୍ କ୍ରାନ୍ତି

ମୁମ୍ବାଇ, ୪।୮

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ଓଡ଼ିଶାର ଗ୍ରାମାଞ୍ଚଳରେ ଜିଓ ବ୍ରାଣ୍ଡର ଡିଜିଟାଲ୍ କ୍ରାନ୍ତି ଆଣିଛି। ଏପରିକି ଓଡ଼ିଶାର ବିସ୍ତୀର୍ଣ୍ଣ ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଞ୍ଚଳରେ ଡିଜିଟାଲ୍ କ୍ରାନ୍ତି ସ୍ୱରୂପ ରିଲାଏନ୍ସ ଜିଓ ରାଜ୍ୟର ୩ ଲକ୍ଷରୁ ଅଧିକ ଘର ଏବଂ ପରିସରକୁ ଜିଓ ଫାଇବର ଓ ଜିଓ ଏୟାରଫାଇବର ସେବା ଯୋଗାଇ ଦେଇଛି। ଏହା ମାଧ୍ୟମରେ କମ୍ପାନୀ ରାଜ୍ୟରେ ସର୍ବବୃହତ ସଂଯୋଗ ସ୍ଥାପନ କରି ଏକ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ ଏବଂ ବିଶ୍ୱସ୍ତରୀୟ ଘରୋଇ ମନୋରଞ୍ଜନ ସୁବିଧା ଗ୍ରାହକଙ୍କୁ ପ୍ରଦାନ କରିଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ନିକଟରେ ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ଓଡ଼ିଶାରେ ଜିଓ ପ୍ରାୟ ୩ଲକ୍ଷ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକଙ୍କ ସହିତ ହୋମ ବ୍ରଡବ୍ୟାଣ୍ଡ ଏବଂ ଓୟାରଲାଇନ କ୍ଷେତ୍ରରେ ବ୍ରାଣ୍ଡ ରାଜ୍ୟରେ ଏକ ନମ୍ବର ସ୍ଥାନ ସୁଦୃଢ଼ କରିଛି। ସେହିଭଳି ସର୍ବାଧିକ ଲୋକପ୍ରିୟ ରହିଥିବା ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ସମ୍ପ୍ରସାରିତ କରିଛି, କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଞ୍ଚଳର ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତା ଯୋଗୁ ବ୍ରଡ଼ବ୍ୟାଣ୍ଡ ସଂଯୋଗର ଅଭାବଜନିତ ସମସ୍ୟାକୁ ଦୂର କରି ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଏବଂ ଗୁଣାତ୍ମକ ଗୃହ ମନୋରଞ୍ଜନ ସହିତ ସଂଯୁକ୍ତ କରିଛି। ଏପରିକି ଜିଓ ଏୟାରଫାଇବର ୮୦୦ରୁ ଅଧିକ ଡିଜିଟାଲ ଟିଭି ଚ୍ୟାନେଲ, ୧୩ ରୁ ଅଧିକ ଓଟିଟି ଆପ୍, ସ୍ମାର୍ଟ ହୋମ୍ ସେବା ଏବଂ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସହିତ ବିଶ୍ୱସ୍ତରୀୟ ସର୍ବାଧୁନିକ ଗୃହ ମନୋରଞ୍ଜନ ବା ହୋମ ଏଣ୍ଟରଟେନମେଣ୍ଟ ସେବା ପ୍ରଦାନ କରୁଛି। କେବଳ ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳ ନୁହେଁ,ଓଡ଼ିଶାର ସମସ୍ତ ସହର ତଥା ଦ୍ରୁତ ଗତିରେ ବିସ୍ତାରିତ ହେଉଥିବା ସହର ଉପକଣ୍ଠ ଅଞ୍ଚଳରେ ହଜାର ହଜାର ଗ୍ରାହକ ବର୍ତ୍ତମାନ ଜିଓ ଏୟାରଫାଇବର ସେବାକୁ ଆପଣାଉଛନ୍ତି। ଏପରିକି ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଜିଓର ଫ୍ରିଡମ୍ ଅଫରରେ ଜିଓ ନୂତନ ଏୟାର ଫାଇବର ଗ୍ରାହକଙ୍କୁ ୧୦୦୦ ଟଙ୍କା ଇନଷ୍ଟାଲେଶନ ଚାର୍ଜ ଛାଡ ମାଧ୍ୟମରେ ନୂତନ ସଂଯୋଗ ଉପରେ ୩୦% ରିହାତି ପ୍ରଦାନ କରୁଛି। ଏହି ସୀମିତ ଅବଧି ଉତ୍ସବ ଅଫର ୨୦୨୪ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୈଧ ରହିଛି।

## ଷ୍ଟକ୍ ମାର୍କେଟରେ ୩୨,୩୬୫ କୋଟି ବିନିଯୋଗ



ଭୁବନେଶ୍ୱର,୪।୮ (ଅନୁରାଧା ମହାରଣା)

ବିଦେଶୀ ସଂସ୍ଥାର ପୁଞ୍ଜି ନିବେଶକାରୀ (ଏଫପିଆଇ) ଜୁଲାଇ ମାସରେ ଭାରତୀୟ ଷ୍ଟକ୍ ମାର୍କେଟରେ ୩୨,୩୬୫ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହି ସୂଚନା ଜମାକାରୀ ତଥ୍ୟରୁ ପ୍ରାପ୍ତ ହୋଇଛି। ତେବେ ଚଳିତ ମାସର ପ୍ରଥମ ଦୁଇଟି ବାଣିଜ୍ୟ ଅଧିବେଶନରେ, ଏଫପିଆଇ ଗୁଡିକ ଷ୍ଟକରୁ ୧,୦୨୭ କୋଟି ଟଙ୍କା ବାହାର କରିଛନ୍ତି। ବଜେଟରେ ଇକ୍ୱିଟି ନିବେଶ ଉପରେ ପୁଞ୍ଜି ଲାଭ ଟିକସ ବୃଦ୍ଧି ଘୋଷଣା ହେବା ପରଠାରୁ ଏଫପିଆଇ ପ୍ରବାହ ଏକ ମିଶ୍ରିତ ଧାରା ଦେଖିଛି। ଜମାକାରୀ ତଥ୍ୟ ଅନୁଯାୟୀ, ଏଫପିଆଇଗୁଡ଼ିକ ଜୁଲାଇରେ ୩୨,୩୬୫ କୋଟି ଟଙ୍କାର ଅଂଶଧନକୁ ଶେୟାର କରିଥିଲେ। ଏହାପୂର୍ବରୁ ଜୁନ ମାସରେ ରାଜନୈତିକ ସ୍ଥିରତା ଏବଂ ବଜାରରେ ତୀବ୍ର ବୃଦ୍ଧି ମଧ୍ୟରେ ଏଫପିଆଇଗୁଡିକ ଶେୟାରରେ ୨୬,୫୬୫ କୋଟି ଟଙ୍କା ବିନିଯୋଗ କରିଥିଲେ। ନିର୍ବାଚନ ଫଳାଫଳକୁ ନେଇ ଦ୍ୱନ୍ଦ୍ୱ ମଧ୍ୟରେ ମେ ମାସରେ ଏଫପିଆଇଗୁଡିକ ଷ୍ଟକରୁ ୨୫,୫୮୬ କୋଟି ଟଙ୍କା ବାହାର କରିଥିଲେ। ମରିସସ ସହିତ ଭାରତର ଟିକସ ଚୁକ୍ତିରେ ପରିବର୍ତ୍ତନ ଏବଂ ଆମେରିକାର ବଣ୍ଡ ପ୍ରତିଫଳର କ୍ରମାଗତ ବୃଦ୍ଧି ହେତୁ ସେମାନେ ଏପ୍ରିଲରେ ଷ୍ଟକରୁ ୮,୭୦୦ କୋଟିରୁ ଅଧିକ ଟଙ୍କା ବାହାର କରିଥିଲେ। ତଥ୍ୟ ଅନୁଯାୟୀ, ଶେୟାର ବ୍ୟତୀତ ଏଫ୍‌ପିଆଇ ଗୁଡିକ ଜୁଲାଇରେ ଋଣ କିମ୍ବା ବଣ୍ଡ ବଜାରରେ ୨୨,୩୬୩ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଏହି କାରଣରୁ ବଣ୍ଡ ବଜାରରେ ସେମାନଙ୍କର ବିନିଯୋଗ ଚଳିତ ବର୍ଷ ୯୪,୬୨୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

## ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିନରେ ଜଡ଼ିବୁଟି ଦିବସ ପାଳିତ




ଭୁବନେଶ୍ୱର,୪।୮ (ଅନୁରାଧା ମହାରଣା)

ପତଞ୍ଜଳିର ମହାମନ୍ତ୍ରୀ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମଦିବସକୁ ପତଞ୍ଜଳି ଯୋଗପୀଠରେ ଜଡ଼ିବୁଟି ଦିବସ ଭାବେ ପାଳନ କରାଯାଇଛି। ଏ ଅବସରରେ ବାବା ରାମଦେବ ଯୋଗଦେଇ ସୁସ୍ଥ, ବ୍ୟକ୍ତି, ସୁସ୍ଥ ପରିବାର, ସୁସ୍ଥ ସମାଜ, ସୁସ୍ଥ ରାଷ୍ଟ୍ର ତଥା ସୁସ୍ଥ ବିଶ୍ୱଗଠନ ପାଇଁ ବୃକ୍ଷରୋପଣ କରିବାକୁ ଉପସ୍ଥିତ ବ୍ୟକ୍ତିଙ୍କୁ ଶପଥ କରାଇଥିଲେ। ଆଚାର୍ଯ୍ୟ ବାଳକୃଷ୍ଣ ରକ୍ତଦାନ କରି ସମାଜକୁ ରକ୍ତ ଦାନ ପାଇଁ ପ୍ରୋତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ୱାର୍ଲଡ୍ ହର୍ବାଲ ଇନସାଇକ୍ଲୋପିଡିଆ ପୋର୍ଟାଲ ଲଞ୍ଚ କରାଯାଇଥିଲା। ଆଚାର୍ଯ୍ୟଙ୍କ ସୂଚନାନୁସାରେ ପୋର୍ଟାଲରେ ପ୍ରାୟ ୭୫୦୦ ବୃକ୍ଷ ବଂଶ, ପ୍ରାୟ ୫୦ ହଜାରରୁ ଅଧିକ ବୃକ୍ଷ ପ୍ରଜାତି, ୨୦ହଜାରରୁ ଅଧିକ ଭାଷା, ୧୨ ଲକ୍ଷ ସ୍ଥାନୀୟ ଭାଷା, ୨.୫ ଲକ୍ଷ ପର୍ଯ୍ୟାୟବାଚୀ, ୬.୫ ଲକ୍ଷ ୟୁନିକ୍ ରେଫରେନ୍ସ କୋଡ୍ ଉପଲବ୍ଧ ରହିଛି। ଏହାସହ ଏହି ପୋର୍ଟାଲରେ ୧୦ରୁ ଅଧିକ ବନସ୍ପତି ବିଜ୍ଞାନ ଆଧାରିତ ପ୍ରଣାଳୀ, ୯୬୪ ଉପଚାର ପଦ୍ଧତି, ୨ହଜାରରୁ ଅଧିକ ସ୍ଥାନୀୟ ସମ୍ପ୍ରଦାୟ ତଥା ୨.୫ ଲକ୍ଷ ଫ୍ଲକ୍ ଫରମେଶନର ସୂଚନା ରହିଛି। ତେବେ ଆଚାର୍ଯ୍ୟଙ୍କ ଜନ୍ମଦିନ ପାଳନ ଅବସରରେ ୮୮୭ ୟୁନିଟ୍ ରକ୍ତ ସଂଗ୍ରହ, ୨୮୦ ଲୋକଙ୍କର ଚକ୍ଷୁ ପରୀକ୍ଷା ତଥା ଚଷମା ବଣ୍ଟନ, ୪୧୨ ଜଣଙ୍କ ଦନ୍ତ ଚିକିତ୍ସା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଥିଲା।

## ଜୁଲାଇରେ କମିଲା ବେକାରି ସଂଖ୍ୟା

ଭୁବନେଶ୍ୱର,୪।୮ (ଅନୁରାଧା ମହାରଣା)

ଜୁଲାଇ ମାସରେ ଦେଶରେ ବେକାରି ହାର ୧.୩ ପ୍ରତିଶତ ହ୍ରାସ ପାଇଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍ଆଇ) ଦ୍ୱାରା ପର୍ଯ୍ୟାୟକ୍ରମେ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ଜୁନରେ ଏହା ୯.୨% ଥିବାବେଳେ ଜୁଲାଇରେ ୭.୯%କୁ ହ୍ରାସ ପାଇଛି। ଏହି ସର୍ଭେରେ ୧,୭୮,୦୦୦ ପରିବାରକୁ ସାମିଲ କରାଯାଇଥିଲା। ଏହି ଆକଳନ ଅନୁଯାୟୀ, ଗତ ମାସରେ ବେରୋଜଗାରୀଙ୍କ ସଂଖ୍ୟା ପୂର୍ବ ମାସରେ ୪୧.୪ ମିଲିୟନରୁ ୩୫.୪ ମିଲିୟନକୁ ହ୍ରାସ ପାଇଛି। ଜୁଲାଇରେ ସହରାଞ୍ଚଳରେ ବେକାରି ସଂଖ୍ୟା ୮.୫% ଅଧିକ ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହା ୭.୫% ଥିଲା। ଜୁନ୍ ମାସରେ ସହରାଞ୍ଚଳରେ ୮.୮ ପ୍ରତିଶତ ଥିବାବେଳେ ଗ୍ରାମୀଣ ବେକାରି ସଂଖ୍ୟା ୯.୩ ପ୍ରତିଶତ ଥିଲା। ଗ୍ରାମାଞ୍ଚଳରେ ୧.୮% ଏବଂ ସହରାଞ୍ଚଳରେ ୦.୩ % ଲେଖାଏ ଅଧିକ ଥିଲା।

## ଜେଏସ୍‌ପିକୁ ସମ୍ମାନଜନକ ଏକ୍ସିଡ୍ ସିଏସ୍ଆର୍ ଆୱାର୍ଡ

ଭୁବନେଶ୍ୱର, ୪।୮



ଦେଶର ପ୍ରମୁଖ ଘରୋଇ ଶିଳ୍ପ ସଂସ୍ଥା ତଥା ଅଗ୍ରଣୀ କମ୍ପାନୀ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) କୁ ନିକଟରେ ଆଉ ଏକ ଜାତୀୟସ୍ତରର ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି କମ୍ପାନୀର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପଦକ୍ଷେପ ନିମନ୍ତେ ଜେଏସ୍‌ପିକୁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ସମର୍ଥିତ ସମ୍ମାନଜନକ 'ଏକ୍ସିଡ୍ ସିଏସ୍ଆର୍ ଆୱାର୍ଡ-୨୦୨୪'ରେ ସମ୍ମାନିତ କରାଯାଇଛି। ୨୦୨୪ ଅଗଷ୍ଟ ୨ରେ ହାଇଦ୍ରାବାଦଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ତେଲଙ୍ଗାନାର କୃଷି ମନ୍ତ୍ରୀ ଟି. ନାଗେଶ୍ୱର ରାଓଙ୍କଠାରୁ ଜେଏସ୍‌ପିର ପ୍ରେସିଡେଣ୍ଟ ତଥା ଗ୍ରୁପ ସିଏସ୍ଆର ମୁଖ୍ୟ ପ୍ରଶାନ୍ତ ହୋତା ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କର୍ପୋରେଟ୍ ଆଫେୟାର୍ସର ପୂର୍ବତନ ଡିଜି ଡ.ଭାସ୍କର ଚାଟାର୍ଜୀ ଓ ଅନ୍ୟମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସମର୍ଥନରେ ଆୟୋଜିତ ଏହି ସ୍ୱତନ୍ତ୍ର ସମ୍ମାନ ଉତ୍ସବ କାର୍ଯ୍ୟକ୍ରମ ସଷ୍ଟେନେବଲ୍ ଡେଭେଲପମେଣ୍ଟ ଫାଉଣ୍ଡେଶନ ଦ୍ୱାରା ମିଳିତ ଭାବେ ଆୟୋଜନ କରାଯାଇଥିଲା। ଜେଏସ୍‌ପିର ଅଧ୍ୟକ୍ଷ ତଥା ଏମ୍‌ପି ନବୀନ ଜିନ୍ଦଲ କହିଛନ୍ତି, ସ୍ଥାନୀୟ ଜନସାଧାରଣଙ୍କ ଜୀବନଧାରଣ ମାନରେ ନିରନ୍ତର ଉନ୍ନତି ସାଙ୍ଗକୁ ଷ୍ଟିଲ ଆଣ୍ଡ ପାୱାରର ଭିଜନ ଏବଂ ମିଶନରେ ଅନ୍ତର୍ଭୁକ୍ତ ରହିଛି।

## ସୁଲଭ ମୂଲ୍ୟରେ ମନପସନ୍ଦର ପୋଷାକ

### ୬୫ ଦିନରେ କଟନ ଫାବ ମେଳା

ଭୁବନେଶ୍ୱର,୪।୮



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ 'ନ୍ୟୁ ରାଜସ୍ଥାନ କଟନ ଫାବ-୨୦୨୪ ପ୍ରଦର୍ଶନୀ (ମେଳା)'ର କାରବାର ବେଶ ଉତ୍ସାହଜନକ ରହିଛି। ଏପରିକି ଜୁନ ୧ରୁ ଆରମ୍ଭ ହୋଇଥିବା ଏହି ମେଳା ଏହାରି ମଧ୍ୟର ୬୫ଦିନ ଅତିକ୍ରମ କରିଥିବାବେଳେ ମେଳାର ବ୍ୟବସାୟୀମାନେ ଭଲ କାରବାର କରିଥିବା ଉଭୟ ବ୍ୟବସାୟୀ ଓ ମେଳାର ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷ କରି ପ୍ରତିଦିନ ସନ୍ଧ୍ୟାରେ ସ୍ମାର୍ଟସିଟିବାସୀ ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ 'ନ୍ୟୁ ରାଜସ୍ଥାନ କଟନ ଫାବ-୨୦୨୪ ପ୍ରଦର୍ଶନୀ (ମେଳା)'ରେ ଭିଡ ଜମାଉଛନ୍ତି।

ସେହିଭଳି ଉଭୟ ବ୍ୟବସାୟୀ ଓ ବୁଣାକାର ସମିତିଗୁଡିକ ପକ୍ଷରୁ ମଧ୍ୟ ଭଳିକି ଭଳି ପୋଷାକ ଓ ବିଭିନ୍ନ ରାଜ୍ୟର ଲୋକପ୍ରିୟ ତଥା ପ୍ରସିଦ୍ଧ ବସ୍ତ୍ରଗୁଡିକର ବ୍ୟାପକ ସମ୍ଭାର ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି ବୋଲି ଆୟୋଜକ ଓ ବ୍ୟବସାୟୀମାନେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସୁଲଭ ମୂଲ୍ୟରେ ମନପସନ୍ଦର ପୋଷାକ ସାଙ୍ଗକୁ ଘର କରଣା ଓ ସାଜସଜା ପାଇଁ ବିଭିନ୍ନ ବର୍ଗର ହସ୍ତଶିଳ୍ପ ଓ କୁଟୀରଶିଳ୍ପ ସାମଗ୍ରୀ ମେଳାରେ ମିଳୁଥିଲାବେଳେ ଗୁଣାତ୍ମକମାନର ହ୍ୟାଣ୍ଡଲୁମ ପୋଷାକ ଓ ବୟନିକ ଷ୍ଟଲ ପକ୍ଷରୁ ମଧ୍ୟ ଆକର୍ଷଣୀୟ ୧୦+୨୦% ର ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ଜୁନ ୧ରୁ ଆରମ୍ଭ ହୋଇଥିବା ଏହି ମେଳା ଚଳିତ ବର୍ଷ ଅଗଷ୍ଟ ୨ୟ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ପ୍ରଦର୍ଶନୀର କାରବାର ବେଶ୍ ଉତ୍ସାହଜନକ ରହିଥିବାରୁ ଆୟୋଜକଙ୍କ ପକ୍ଷରୁ ମେଳାର ଅବଧିକୁ ୨୦୨୪ ଅଗଷ୍ଟ ୬ପର୍ଯ୍ୟନ୍ତ ବଢାଇ ଦିଆଯାଇଛି। ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆଠାରେ ଜାରି ରହିଥିବା ନ୍ୟୁ ରାଜସ୍ଥାନ କଟନ ଫାବ-୨୦୨୪ ପ୍ରଦର୍ଶନୀ ପ୍ରତ୍ୟହ ଦିବା ୧୧ ଘଟିକାରୁ ରାତ୍ର ୯ଘଟିକା ପର୍ଯ୍ୟନ୍ତ ଜାରି ରହିଛି।

**ଜାତୀୟ ଖବର**

## କେନ୍ଦ୍ର, ୫ ରାଜ୍ୟକୁ ଏନ୍ଏଚ୍ଆର୍‌ସିଙ୍କ ଚୂଡ଼ାନ୍ତ ନୋଟିସ

### ସାଲୱା ଜୁଡୁମ୍ ମାମଲା

ନୂଆଦିଲ୍ଲୀ,୪।୮

ସାଲୱା ଜୁଡୁମ୍ ମାମଲାରେ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି) ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ୫ ରାଜ୍ୟର ମୁଖ୍ୟ ସଚିବଙ୍କୁ ନୋଟିସ ଜାରି କରି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ସାଲୱା ଜୁଡୁମ୍ ମିଲିସିଆଙ୍କ ଦ୍ୱାରା ନିର୍ଯାତିତ ହୋଇ ଛତିଶଗଡ଼ର ହଜାର ହଜାର ଆଦିବାସୀ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଓଡିଶା ପଳାଇଯାଇଥିଲେ। ଓଡ଼ିଶା ସରକାର ଏହି ମାମଲାରେ ଏନ୍ଏଚ୍ଆର୍‌ସିଙ୍କ ନିକଟରେ ଅନ୍ତରୀଣ ରିପୋର୍ଟ ଦାଖଲ କରିଥିବାବେଳେ କେନ୍ଦ୍ର ସରକାର ଏବଂ ଛତିଶଗଡ଼ ସମେତ ଅନ୍ୟ ରାଜ୍ୟଗୁଡ଼ିକ ଏପର୍ଯ୍ୟନ୍ତ ଜବାବ ଦାଖଲ କରି ନଥିବାରୁ ସେମାନଙ୍କୁ ନୋଟିସ ଜାରିହୋଇଛି।

ମାଓବାଦୀ ଦମନ ଲାଗି ଛତିଶଗଡ଼ ସରକାର ସାଲୱା ଜୁଡୁମ୍ ମିଲିସିଆଙ୍କୁ ନିୟୋଜିତ କରିଥିଲେ। ୨୦୦୪-୦୫ରେ ମାଓବାଦୀ ହିଂସା ଏବଂ ମିଲିସିଆମାନଙ୍କ ଦୌରାତ୍ମ୍ୟ ଯୋଗୁ ଛତିଶଗଡ଼ର ୫୫,୦୦୦ ଆଦିବାସୀ ଉପରୋକ୍ତ ରାଜ୍ୟଗୁଡ଼ିକୁ ପଳାଇଯାଇ ଜଙ୍ଗଲ ଅଞ୍ଚଳରେ ବିଭିନ୍ନ ଅସୁବିଧା ମଧ୍ୟରେ ଦିନ କାଟିଆସୁଛନ୍ତି। ସେମାନେ ଜବ୍ କାର୍ଡ, ରାଶନ କାର୍ଡ, ସ୍ୱାସ୍ଥ୍ୟ ବୀମା, ପାନୀୟ ଜଳ ଆଦି ସାମାଜିକ କଲ୍ୟାଣ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ୨୦୧୧ ଜୁଲାଇରେ ସୁପ୍ରିମକୋର୍ଟ ସାଲୱା ଜୁଡୁମ୍‌କୁ ବେଆଇନ ଘୋଷଣା କରିବା ସହ ମିଲିସିଆ ବଳଗୁଡ଼ିକୁ ଭାଙ୍ଗିଦେବା ପାଇଁ ଛତିଶଗଡ଼ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିସ୍ଥାପିତ ଆଦିବାସୀମାନେ ୧୭ ବର୍ଷ ହେଲା ମାନବିକ ଅଧିକାରରୁ ବଞ୍ଚିତ ହୋଇ ଅତି ଦୟନୀୟ ଜୀବନ ଯାପନ କରୁଥିବାରୁ ସିଭିଲ ରାଇଟ୍ସ କର୍ମୀ ତଥା ସୁପ୍ରିମକୋର୍ଟର ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଏନ୍ଏଚ୍ଆର୍‌ସିରେ ପିଟିଶନ ଦାଏର କରି ଏହାର ହସ୍ତକ୍ଷେପ ଲୋଡ଼ିଥିଲେ। କେନ୍ଦ୍ର ଓ ୫ ରାଜ୍ୟର ରିପୋର୍ଟ ମିଳିବା ପରେ ସମ୍ପୂର୍ଣ୍ଣ କମିଶନ ମାମଲାର ଶୁଣାଣି କରିବ।

## ବସ୍-କାର୍ ଧକ୍କା: ୭ ମୃତ

ଇଟାୱା, ୪।୮

ଉତ୍ତରପ୍ରଦେଶ ଇଟାୱା ଜିଲା ଅନ୍ତର୍ଗତ ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସ୍ ୱେ'ରେ ଗୋଟିଏ ବସ୍ ଓ କାର୍ ମଧ୍ୟରେ ଧକ୍କା ହେବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୨୫ ଜଣ ଆହତ ହୋଇଛନ୍ତି। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ କାର୍‌ଟି ଭୁଲ୍ ଲେନ୍‌କୁ ଯାଇ ବସ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ୬୦ ଯାତ୍ରୀ ଥିବା ବସ୍‌ଟି ରାସ୍ତା କଡ଼ରେ ଥିବା ଖାଲରେ ଖସିପଡ଼ିଥିଲା। ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କାର୍‌ଟି ଆଗ୍ରା ଯାଉଥିବାବେଳେ ବସ୍‌ଟି ରାୟବରେଲୀରୁ ଦିଲ୍ଲୀ ଯାଉଥିଲା।

## ଲଭ୍ ଜିହାଦ ରୋକିବାକୁ ଆଇନ ଆଣିବ ଆସାମ

ଗୁଆହାଟୀ,୪।୮

ଉତ୍ତରପ୍ରଦେଶ ପରେ ଆସାମ ସରକାର ଲଭ୍ ଜିହାଦ ରୋକିବା ପାଇଁଆଇନ ଆଣିବାକୁ ଯାଉଛନ୍ତି। କୌଣସି ବ୍ୟକ୍ତି ଲଭ୍ ଜିହାଦରେ ସମ୍ପୃକ୍ତ ଥିବା ଜଣାପଡ଼ିଲେ, ତାଙ୍କୁ ଆଜୀବନ ଜେଲଦଣ୍ଡ ଦେବା ପାଇଁ ଆଇନରେ ବ୍ୟବସ୍ଥା ରହିବ। ନିର୍ବାଚନ ପ୍ରଚାର ବେଳେ ଭାଜପା ଲଭ୍ ଜିହାଦ ପ୍ରସଙ୍ଗ ଉଠାଇଥିଲା। ଏହାକୁ ରୋକିବା ପାଇଁ ଖୁବ୍‌ଶୀଘ୍ର ସରକାର ଆଇନ ଆଣିବାକୁ ଯାଉଥିବା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରବିବାର ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ବୈଠକରେ କହିଛନ୍ତି। ମୁସଲମାନ ଯୁବକମାନେ ବିବାହ ନାଁରେ ହିନ୍ଦୁ ଯୁବତୀଙ୍କୁ ଧର୍ମାନ୍ତର କରୁଥିବାବେଳେ ଏହାକୁ ଲଭ୍ ଜିହାଦ କୁହାଯାଉଛି। ଆସାମ ସରକାର ଲ୍ୟାଣ୍ଡ ଜିହାଦ ଏବଂ ଲଭ୍ ଜିହାଦ ରୋକିବା ପାଇଁ ୨ଟି ଆଇନ ଆଣିବେ। ଜଣେ ମୁସଲମାନ ଯଦି ହିନ୍ଦୁଙ୍କ ସମ୍ପତ୍ତି କିଣିବାକୁ ଚାହେଁ, କିମ୍ବା ହିନ୍ଦୁ ମୁସଲମାନଙ୍କ ସମ୍ପତ୍ତି କିଣିବାକୁ ଚାହିଁଲେ, ସରକାରଙ୍କ ଅନୁମତି ନେବାକୁ ପଡ଼ିବ ବୋଲି ହିମନ୍ତ କହିଛନ୍ତି।

## ହିମାଚଳ: ବାଦଲଫଟା ବର୍ଷା ମୃତ୍ୟୁସଂଖ୍ୟା ୧୩

ଶିମଲା, ୪।୮

ହିମାଚଳ ପ୍ରଦେଶର ମଣ୍ଡି ଏବଂ ଶିମ୍‌ଲା ଜିଲାରୁ ରବିବାର ୪ ମୃତଦେହ ମିଳିବା ପରେ ରାଜ୍ୟରେ ବାଦଲଫଟା ବର୍ଷା ଏବଂ ଅଚାନକ ଆସିଥିବା ବନ୍ୟା ଯୋଗୁ ମୃତ୍ୟୁସଂଖ୍ୟା ବଢ଼ି ୧୩ରେ ପହଞ୍ଚିଛି। ମଣ୍ଡିର ପଧର ଅଞ୍ଚଳର ରାଜଭନ ଗ୍ରାମରୁ ସୋନମ ନାମ୍ନୀ ଜଣେ ମହିଳା ଏବଂ ମାନ୍‌ଭି ନାମ୍ନୀ ଜଣେ ଶିଶୁଙ୍କ ମୃତଦେହ ଉଦ୍ଧାର ହୋଇଛି। ଅନ୍ୟପକ୍ଷରେ ଶିମ୍‌ଲା ଜିଲାରୁ ମିଳିଥିବା ୨ ମୃତଦେହଙ୍କ ପରିଚୟ ମିଳିପାରି ନାହିଁ। ଗତ ମାସ ୩୧ରେ ରାଜ୍ୟର କୁଲ୍ଲୁ, ମଣ୍ଡି ଓ ଶିମ୍‌ଲା ଜିଲାରେ ବାଦଲଫଟା ବର୍ଷା ଯୋଗୁ ବହୁ ବିପର୍ଯ୍ୟୟ ଘଟି ୪୦ ଜଣ ନିଖୋଜ ହୋଇଥିଲେ। ରବିବାର ଉଦ୍ଧାରକାରୀ ଦଳ ମେଶିନ, ଡ୍ରୋନ୍ ଆଦି ବିଭିନ୍ନ ଯନ୍ତ୍ରପାତି ବ୍ୟବହାର କରି ନିଖୋଜ ବ୍ୟକ୍ତିମାନଙ୍କର ସର୍ଚ୍ଚ ଅପରେଶନକୁ ତୀବ୍ର କରିଛନ୍ତି।

## ଅରୁଣାଚଳର ୨ ଯୁବକ ଚାଇନାରେ ବନ୍ଦୀ ଥିବା ସନ୍ଦେହ

ଇଟାନଗର, ୪।୮





ଅରୁଣାଚଳ ପ୍ରଦେଶର ୨ ଯୁବକ ବଟେଲମ ଟିକ୍ରୋ ଓ ବନସୀ ମନ୍ୟୁ ୨ ବର୍ଷ ତଳେ ଚାଇନା ସୀମା ନିକଟରେ ନିଖୋଜ ହୋଇଯାଇଥିଲେ। ଉଭୟଙ୍କୁ ଖୋଜିବାକୁ ୨ ବର୍ଷ ଧରି ସର୍ଚ୍ଚ ଅପରେଶନ କରାଯାଇଥିଲେ ମଧ୍ୟ ସଫଳତା ମିଳିନାହିଁ। ଚାଇନାର ପିପୁଲ ଲିବରେଶନ ଆର୍ମି(ପିଏଲ୍ଏ) ଉଭୟଙ୍କୁ ବନ୍ଦୀ କରି ରଖିଥିବା ନେଇ ସ୍ଥାନୀୟ ପୋଲିସ ସନ୍ଦେହ କରୁଛି। ଏହି ୨ ଯୁବକ ୨୦୨୨ ଅଗଷ୍ଟ ୧୯ରେ ଔଷଧୀୟ ଜଡ଼ିବୁଟି ସନ୍ଧାନରେ ଚାଇନାସୀମାସ୍ଥିତ ଅନ୍‌ଜା ଜିଲାର ଚଗଲଗାମ ଅଞ୍ଚଳକୁ ଯାଇଥିଲେ। ସେବେଠାରୁ ଉଭୟେ ଘରକୁ ଫେରିନାହାନ୍ତି। ଶେଷ ଥର ୨୦୨୨ ଅଗଷ୍ଟ ୨୪ରେ ସେମାନଙ୍କୁ ଚାଇନା ସୀମାରେ ଦେଖିବାକୁ ମିଳିଥିଲା ବୋଲି ଅରୁଣାଚଳ ପ୍ରଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଦାସଙ୍ଗଲୁ ପୁଲ୍ ସୂଚନା ଦେଇଛନ୍ତି। ଉଭୟ ଯୁବକଙ୍କୁ ଗିରଫ କରାଯାଇଛି କି ନାହିଁ ସେନେଇ ଚାଇନା ସୈନ୍ୟ ବାହିନୀ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ତେବେ ଉଭୟ ଜୀବିତ ଥିବା ଦାସଙ୍ଗଲୁ କହିଛନ୍ତି।

## ଭୂସ୍ଖଳନ ପୀଡ଼ିତଙ୍କ ପାଇଁ ୧ କୋଟି ଦାନ କଲେ ଚିରଞ୍ଜୀବୀ, ରାମଚରଣ

ହାଇଦ୍ରାବାଦ, ୪।୮

କେରଳର ୱାୟନାଡ୍ ଭୂସ୍ଖଳନ ପୀଡ଼ିତଙ୍କ ପାଇଁ ବହୁ ସେଲିବ୍ରିଟି ଆର୍ଥିକ ସହାୟତାର ହାତ ବଢ଼ାଉଛନ୍ତି। ରବିବାର ସାଉଥ୍ ସୁପରଷ୍ଟାର ଚିରଞ୍ଜୀବୀ ଓ ତାଙ୍କ ପୁଅ ରାମଚରଣ ମିଳିତ ଭାବେ କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ କୋଟି ଟଙ୍କା ଦାନ କରିଛନ୍ତି। ଏନେଇ ଚିରଞ୍ଜୀବୀ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏକ୍ସ'ରେ ସୂଚନା ଦେଇଛନ୍ତି। ରବିବାର ଅଭିନେତା ଅଲ୍ଲୁ ଅର୍ଜୁନ ପୀଡ଼ିତଙ୍କ ଉଦ୍ଦେଶ୍ୟରେ ୨୫ ଲକ୍ଷ ଟଙ୍କା ଦାନ କରିଛନ୍ତି। ଅଭିନେତା ତଥା ଫିଲ୍ମ ନିର୍ମାତା ମୋହନଲାଲ ଶନିବାର ୱାୟନାଡ୍ ଗସ୍ତ କରି ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳର ପୁନର୍ବାସ କାର୍ଯ୍ୟ ପାଇଁ ୩ କୋଟି ଟଙ୍କା ଦାନ କରିବାକୁ ଘୋଷଣା କରିଥିଲେ। ଅଭିନେତା ସୂର୍ଯ୍ୟା, କାର୍ତ୍ତୀ ଓ ଅଭିନେତ୍ରୀ ଜ୍ୟୋତିକା ମିଳିତ ଭାବେ ୫୦ ଲକ୍ଷ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନା ୧୦ ଲକ୍ଷ ଟଙ୍କା ଦାନ କରିଥିଲେ।

